# କଟକ ମହାନଗର ନିଗମ ୧୧ତମ ସାଧାରଣ ବୈଠକ ବିବରଣୀ

**ତା. ୩୦.୦୫.୨୦୧୫ ରିଖ ,  ସମୟ : ପୂର୍ବାହ୍ଣ - ୧୧.୦୦ ଘଟିକା,**

**ସ୍ଥାନ :  ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୩୦.୦୫.୨୦୧୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୧୧ତମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ଅନିତା ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୩. | ସୁଶ୍ରୀ ସେବତୀ ମାଝୀ, | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୪. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୫. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୬. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୭. | ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୮. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୯. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୦. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୧. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୬. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୭. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୮. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୯. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୦. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୧. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୨. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୩. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୪. | ଶ୍ରୀଯୁକ୍ତା ପାରୁଲ ଜୟସାଲ, | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୫. | ଶ୍ରୀଯୁକ୍ତା କାଂଚନ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୬. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |

| | | |
|---|---|---|
| ୨୭. | ଶ୍ରୀଯୁକ୍ତା ବୈଶାଳୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୨୮ |
| ୨୮. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୨୯. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୩୦. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୧. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୨. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୩. | ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୪. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୫. | ଶ୍ରୀପକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୭ |
| ୩୬. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୭. | ଶ୍ରୀଯୁକ୍ତା ସୁଲୋଚନା ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୮. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୯. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୪୦. | ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୧. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୨. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୩. | ଶ୍ରୀଯୁକ୍ତା ମିନାକ୍ଷୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୫ |
| ୪୪. | ଶ୍ରୀଯୁକ୍ତା ପ୍ରଜ୍ୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୫. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୬. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୭. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୮. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୯. | ଶ୍ରୀଯୁକ୍ତା ମମତା ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୫୦. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୧. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. –୫୩ |
| ୫୨. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୩. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୪. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୫. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୬. | ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୭. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ | ଆୟୁକ୍ତ |
| ୨. | ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ | ଅତିରିକ୍ତ ଆୟୁକ୍ତ |
| ୩. | ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ-୧ |
| ୪. | ଶ୍ରୀଯୁକ୍ତା ନିରୁପମା ସାଇଁ | ଉପ ଆୟୁକ୍ତ-୨ |
| ୫. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୬. | ଡ଼ଃ ପ୍ରଦୀପ କୁମାର ପ୍ରଧାନ | ନଗର ସ୍ୱାସ୍ଥ୍ୟ ଅଧିକାରୀ |

୭. ଶ୍ରୀଯୁକ୍ତ ଲଳିତ ମୋହନ ଦାସ — ନିର୍ବାହୀ ଯନ୍ତ୍ରୀ -୨

୮. ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ — ବିତ୍ତ ଅଧିକାରୀ

୯. ଶ୍ରୀଯୁକ୍ତ ବିଜୟ କୁମାର ଦାଶ — ରିକଭରୀ ଅଫିସର

୧୦. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ — ଉପ ସଚିବ

୧୧. ଶ୍ରୀଯୁକ୍ତ ଲକ୍ଷ୍ମୀଧର ନାଥ — ସଚିବ

୧୨. ଶ୍ରୀମତୀ ପୁଷ୍ପାରାଣୀ ଟପୋ — ମୁଖ୍ୟ ସମିକ୍ଷକ

୧୩. ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ — ସହକାରୀ ନିର୍ବାହୀ ଯନ୍ତ୍ରୀ

୧୪. ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା — ସହକାରୀ ନିର୍ବାହୀ ଯନ୍ତ୍ରୀ

୧୫. ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ — ସହକାରୀ ନିର୍ବାହୀ ଯନ୍ତ୍ରୀ

୧୬. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର — ସହକାରୀ ନିର୍ବାହୀ ଯନ୍ତ୍ରୀ

୧୭. ଶ୍ରୀଯୁକ୍ତ ଜୟ ଜଗଦିଶ ପାଢୀ — କନିଷ୍ଠ ଯନ୍ତ୍ରୀ

ଏହି ବୈଠକରେ ମାନ୍ୟବର ବାରବାଟୀ କଟକ ବିଧାନସଭା ସଦସ୍ୟଙ୍କ ପ୍ରତିନିଧି ମାନ୍ୟବର ଚୌଦ୍ୱାର କଟକ ବିଧାନସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ସମସ୍ତ କର୍ପୋରେଟର, ବିଧାନସଭା ସଦସ୍ୟଙ୍କ ପ୍ରତିନିଧି, କମିଶନର ତଥା ନିଗମର ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ଦ୍ୱାରା ସୁପାରିଶ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ଅନୁମୋଦନ କରାଯିବାକୁ ପ୍ରସ୍ତାବ ଆଗତ କରି ସଦସ୍ୟ / ସଦସ୍ୟା ମାନଙ୍କ ୱାର୍ଡ଼ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ମଧ୍ୟ ଅନୁରୋଧ କରିଥିଲେ ।

**ବିଭିନ୍ନ ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ଓ ପ୍ରାପ୍ତ ହୋଇଥିବା ପ୍ରସ୍ତାବ:**

**ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, କର୍ପୋରେଟର, ୱାର୍ଡ଼ ନଂ-୪୮ :**

- ହେଲଥ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ବିଭିନ୍ନ ୱାର୍ଡ଼ ମାନଙ୍କରେ ନୂତନ ନଳକୂପ ସ୍ଥାପନ ନିମନ୍ତେ ନିରୂପଣ କରାଯାଇଥିବା ସ୍ଥାନ ଉପରେ ଦୃଷ୍ଟି ଆକର୍ଷଣ କରି, ସମ୍ପୃକ୍ତ କର୍ପୋରେଟର ମାନଙ୍କ ପରାମର୍ଶ ଅନୁଯାୟୀ, ଅତ୍ୟାବଶ୍ୟକ ସ୍ଥାନ ମାନଙ୍କରେ ଏହି ନୂତନ ନଳକୂପ ଗୁଡ଼ିକ ସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସେହିପରି ପ୍ରତ୍ୟେକ ୱାର୍ଡ଼ର ଆବଶ୍ୟକ ସ୍ଥାନରେ ଡ଼ଷ୍ଟବିନ ସ୍ଥାପନ କରାଯିବା ନିମନ୍ତେ ପ୍ରସ୍ତାବକୁ ଆଗତ କରି, ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ୱାର୍ଡ଼କୁ ୧୦ଟି ଲେଖାଏଁ ଡ଼ଷ୍ଟବିନ ଯୋଗାଇ, ଦେବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ସି.ଏମ୍.ସି. ୱାର୍ଡ଼ ସହିତ ଘରୋଇକରଣ କରାଯାଇଥିବା ୱାର୍ଡ଼ ମାନଙ୍କୁ ମଧ ସମ ପରିମାଣର ଡ଼ଷ୍ଟବିନ ଆବଶ୍ୟକ ସ୍ଥାନ ମାନଙ୍କରେ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ସମୟରେ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଗ୍ରହଣ କରାଯାଉଥିବା ପ୍ରସ୍ତାବ ଗୁଡ଼ିକ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁନଥିବାର ଅଭିଯୋଗ କରି, ଏ ଦିଗରେ ମାନ୍ୟବର ମେୟର, କମିଶନର ତଥା ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ / ଅଧକ୍ଷା ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

ସମ୍ପୃକ୍ତ କର୍ପୋରେଟର ମାନଙ୍କ ପରାମର୍ଶ ଅନୁଯାୟୀ ୱାର୍ଡ଼ର ଉପଯୁକ୍ତ ସ୍ଥାନରେ ନୂତନ ନଳକୂପ ସ୍ଥାପନ କରାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ ମତ ଦେଇଥିଲେ ।

ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ କର୍ପୋରେଟର ମାନେ ପ୍ରଦାନ କରିଥିବା ସ୍ଥାନ ବଦଳରେ ଅନ୍ୟ ସ୍ଥାନ ଗୁଡ଼ିକରେ ନଳକୂପ ସ୍ଥାପନ ନିମନ୍ତେ ସୁପାରିଶ କରାଯାଇଥିବା ଦୃଷ୍ଟିରୁ, ଏହାକୁ ସଂଶୋଧନ କରାଯାଇ ସମ୍ପୃକ୍ତ କର୍ପୋରେଟର ମାନଙ୍କ ପରାମର୍ଶ ଅନୁଯାୟୀ ଏହି ନଳକୂପ ଗୁଡ଼ିକ ସ୍ଥାପନ କରାଯିବାକୁ ସଦସ୍ୟ ଶ୍ରୀ ଧର୍ମାନନ୍ଦ ପାତ୍ର ପରାମର୍ଶ ଦେଇଥିଲେ ।

ରାମକୀ  ସଂସ୍ଥାଙ୍କ ଦ୍ୱାରା ବିଭିନ୍ନ ୱାର୍ଡ଼ରେ କରାଯାଇଥିବା କାର୍ଯ୍ୟରେ ବାରମ୍ବାର ଅଭିଯୋଗ ପ୍ରାପ୍ତ ହେଉଥିବାରୁ, ଉକ୍ତ ସଂସ୍ଥାଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟର ତଦାରକ ବ୍ୟବସ୍ଥା ଏବଂ  ଉକ୍ତ ସଂସ୍ଥାଙ୍କ ସହ ସ୍ୱାକ୍ଷରିତ କରାଯାଇଥିବା ଚୁକ୍ତିନାମାର ଏକ ନକଲ ସମ୍ପୃକ୍ତ  କର୍ପୋରେଟର ମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରିବାକୁ ସଦସ୍ୟା  ଶ୍ରୀଯୁକ୍ତା ଗିରିବାଳା ବେହେରା ପ୍ରସ୍ତାବ ଦେଇଥିଲେ ।

ୱାର୍ଡ଼ରୁ ଅଳିଆ ଆବର୍ଜନା ଉଠାଯିବା ନିମନ୍ତେ ନିୟମିତ ଭାବେ ରାମକୀ ଦ୍ୱାରା ଟ୍ରାକ୍ଟର ପ୍ରଦାନ କରାଯାଉଥିବା ଦୃଷ୍ଟିରୁ, ଉକ୍ତ ସଂସ୍ଥାଙ୍କ ପ୍ରତ୍ୟେକ ମାସର ବିଲ ପ୍ରଦାନ ସମୟରେ ସମ୍ପୃକ୍ତ କର୍ପୋରେଟର ମାନଙ୍କର ମତାମତକୁ ଗ୍ରହଣ କରାଯିବାକୁ ସଦସ୍ୟା ଶ୍ରୀମତୀ ଅନିତା ନାୟକ ପ୍ରସ୍ତାବ ଦେଇଥିଲେ ।

୨୮ ନମ୍ବର ୱାର୍ଡ଼ର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଦୀର୍ଘଦିନ ଧରି ଉଠାଯାଉନଥିବାରୁ, ଯଥାଶିଘ୍ର ଅତିରିକ୍ତ ଟ୍ରାକ୍ଟରର ବ୍ୟବସ୍ଥା କରାଯାଇ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ସଦସ୍ୟା ଶ୍ରୀମତୀ ବୈଶାଳୀ ବେହେରା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ପୂର୍ବରୁ ଦଶହରା ଉପଲକ୍ଷେ ଶାନ୍ତି କମିଟିର ଅନୁରୋଧ କ୍ରମେ ବିଭିନ୍ନ ୱାର୍ଡ଼ ମଧ୍ୟରେ ରହିଥିବା ପୂଜା ମଣ୍ଡପ ଗୁଡ଼ିକ ନିମନ୍ତେ ୧୯୩ ଗୋଟି ଡ଼ଷ୍ଟବିନ ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ । ବର୍ତମାନ ସଂଗ୍ରହଣ କରାଯାଇଥିବା ଡ଼ଷ୍ଟବିନ ଗୁଡ଼ିକ ବିଭିନ୍ନ ୱାର୍ଡ଼ର ଆବଶ୍ୟକ ସ୍ଥାନ ମାନଙ୍କରେ ସ୍ଥାପନ କରାଯିବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ । ରାମକୀ ସଂସ୍ଥାଙ୍କ ଦ୍ୱାରା ସଫାଇ କାର୍ଯ୍ୟର ପ୍ରତ୍ୟେକ ଦିନ Daily Report ସଂଗ୍ରହ କରାଯାଇ, ଚୁକ୍ତିନାମା ଅନୁଯାୟୀ ଉକ୍ତ ସଂସ୍ଥାଙ୍କ ବିଲ ପ୍ରଦାନର ବ୍ୟବସ୍ଥା ସହ, ରିପୋର୍ଟ ଅନୁଯାଇ ବିଲ କଟାଯାଉଥିବାର ସୂଚନା ଦେଇଥିଲେ ।  ପ୍ରତ୍ୟେକ ମାସରେ ୪ ରୁ ୫ ଲକ୍ଷ ଟଙ୍କାର Penalty ଉକ୍ତ ସଂସ୍ଥାଙ୍କ ଠାରୁ ଆଦାୟ ମଧ୍ୟ କରାଯାଇ, ନିଗମ ପକ୍ଷରୁ ଅତିରିକ୍ତ କୁଲୀ ନିୟୋଜନ କରାଯାଇ ଅତ୍ୟାବଶ୍ୟକ କାର୍ଯ୍ୟ ଗୁଡ଼ିକ କରାଯାଉଥିବାର ସୂଚନା ମଧ୍ୟ ଦେଇଥିଲେ । ଷ୍ଟାଣ୍ଡିଙ୍ଗ କମିଟିର ସୁପାରିଶ ଅନୁଯାଇ ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ୨ ଓଳୀ ସଫାଇ ବ୍ୟବସ୍ଥା ଆସନ୍ତା ଜୁନ ୧ ତାରିଖରୁ କରାଯିବା ନିମନ୍ତେ ସ୍ଥିର କରାଯାଇଥିବା ପ୍ରକାଶ କରି ଏହି କାର୍ଯ୍ୟରେ ସମସ୍ତ କର୍ପୋରେଟର ମାନଙ୍କର ସହଯୋଗ କାମନା କରିଥିଲେ ।

ୱାର୍ଡ଼ର ପରିସୀମା ଅନୁଯାୟୀ  ପ୍ରତ୍ୟେକ ୱାର୍ଡ଼ର ସୁଇପର ସଂଖ୍ୟା ନିର୍ଦ୍ଧାରଣ କରାଯିବା ନିମନ୍ତେ ଏକ ସମିକ୍ଷା କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ହୃଷୀକେଷ ପ୍ରଧାନ ମତ ଦେଇଥିଲେ ।

ରାମକୀ ସଂସ୍ଥାଙ୍କ ସହ ସ୍ୱାକ୍ଷରିତ କରାଯାଇଥିବା ଚୁକ୍ତିନାମାର ଏକ ନକଲ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର ପ୍ରସ୍ତାବ ଦେଇଥିଲେ ।

ବିଭିନ୍ନ ୱାର୍ଡ଼ ମାନଙ୍କରେ ଘର ନିର୍ମାଣର ମାଟି ଏବଂ ମଳୁଆ ଗୁଡ଼ିକ ଉଠାଯିବା ନିମନ୍ତେ ନିର୍ଦ୍ଧାରିତ  ଫି ଆଦାୟ କରାଯିବା ସମ୍ଭବପର ହୋଇପାରୁନଥିବାରୁ, କାଉନସିଲର ଅନୁମୋଦନ କ୍ରମେ ଅତିରିକ୍ତ ଟ୍ରାକ୍ଟର ନିୟୋଜନ କରାଯାଇ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଠୁଳ ଉପରେ କରାଯାଇଥିବା ମାଟି ଓ Debris ଗୁଡ଼ିକ ଉଠାଯିବାର ବ୍ୟବସ୍ଥା କରାଯିବାକୁ ସ୍ୱାସ୍ଥ୍ୟ ଅଧିକାରୀ ପ୍ରସ୍ତାବ ଦେଇଥିଲେ ।

ନିର୍ଦ୍ଧିଷ୍ଟ ଭାବେ ବିଭିନ୍ନ ୱାର୍ଡ଼କୁ ସଫାଇ କର୍ମଚାରୀ ମାନଙ୍କର କାର୍ଯ୍ୟ କରିବାର ସମୟସୀମା ଧାର୍ଯ୍ୟ କରାଯିବାକୁ ସଦସ୍ୟା ଶ୍ରୀଯୁକ୍ତା ଗିରିବାଳା ବେହେରା ପ୍ରସ୍ତାବ ଦେଇଥିଲେ ।

ଆସନ୍ତା ଜୁନ ୧ ତାରିଖ ଠାରୁ ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ପ୍ରାତଃ ୬ ଘଟିକା ଠାରୁ ୧୧ ଘଟିକା ଏବଂ ଅପରାହ୍ନ ୩ ଘଟିକା ଠାରୁ ୫ ଘଟିକା ପର୍ଯ୍ୟନ୍ତ ଦୁଇ ଓଳୀ ରାସ୍ତା ସଫେଇ କାର୍ଯ୍ୟ ସ୍ଥିର କରାଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ । କାର୍ଯ୍ୟରେ ଖିଲାପ କ୍ଷେତ୍ରରେ କର୍ମଚାରୀ ମାନଙ୍କର ଅଧାଦିନର ଦରମା କଟାଯିବା ନିମନ୍ତେ ମଧ୍ୟ ସ୍ଥିର କରାଯାଇଥିବା ସେ ସୂଚନା ଦେଇଥିଲେ । ଏହି କାର୍ଯ୍ୟର ସଫଳ  କାର୍ଯ୍ୟକାରୀ ନିମନ୍ତେ ସମସ୍ତ କର୍ପୋରେଟର ମାନଙ୍କର ସାହାର୍ଯ୍ୟ ଏବଂ ସହଯୋଗ କାମନା ମଧ୍ୟ କରିଥିଲେ । ଫାଇଲେରୀଆ କୁଲୀ ମାନଙ୍କୁ ସେମାନଙ୍କର ସୁପରଭାଇଜର ମାନଙ୍କ ମାଧ୍ୟମରେ ଆବଶ୍ୟକ ପରିମାଣର ତେଲ ଯୋଗାଇଦେବାର ବ୍ୟବସ୍ଥା କରାଯାଉଥିବା ସେ ମଧ୍ୟ ପ୍ରକାଶ କରିଥିଲେ ।

ବିଭିନ୍ନ ୱାର୍ଡ଼କୁ ଫାଇଲେରୀଆ କୁଲୀ ମାନଙ୍କର କାର୍ଯ୍ୟ ସମୟ ନିର୍ଦ୍ଧାରଣ କରାଯାଇ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ସଦସ୍ୟା ଶ୍ରୀମତୀ ନମିତା ମଞ୍ଜରୀ ସାହୁ ପରାମର୍ଶ ଦେଇଥିଲେ । ସେହିପରି ଫାଇଲେରୀଆ ଇନ୍ସପେକ୍ଟର ଏବଂ ସାନିଟେରୀ ଇନ୍ସପେକ୍ଟର ମାନେ ନିୟମିତ ୱାର୍ଡ଼କୁ ଆସୁନଥିବାର ଅଭିଯୋଗ କରିଥିଲେ ।

ବିଭିନ୍ନ ୱାର୍ଡ଼ ନିମନ୍ତେ ନିୟୋଜନ କରାଯାଉଥିବା କୁଲୀ ମାନେ ମଧ ନିୟମିତ ୱାର୍ଡ଼କୁ ଆସୁନଥିବାର ଅଭିଯୋଗ କରି ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ କହିଥିଲେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ବିନା ଅବଗତରେ ବିଭିନ୍ନ ସମୟରେ କୁଲୀ ମାନଙ୍କୁ ପ୍ରତ୍ୟାହାର ମଧ କରାଯାଉଅଛି ।

ୱାର୍ଡ଼କୁ ଫାଇଲେରୀଆ ସୁପରଭାଇଜର ଦୀର୍ଘ ମାସ ଧରି ଆସୁନଥିବାର ଏବଂ କୁଲୀମାନେ ନିୟମିତ ଆସୁନଥିବା ସମ୍ପର୍କରେ ଅଭିଯୋଗ ପ୍ରଦାନ କରାଯାଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ସଦସ୍ୟା ଶ୍ରୀଯୁକ୍ତା ପାରୁଲ ଜୟୱାଲ ପ୍ରକାଶ କରିଥିଲେ । ସେ ମଧ ୱାର୍ଡ଼ର ପରିମଳ ବ୍ୟବସ୍ଥା ପ୍ରତି ଧାନ ଦିଆଯାଇ, ଯଥାଶିଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଯଥାଶିଘ୍ର ପ୍ରତ୍ୟେକ ୱାର୍ଡ଼ରେ ଦୁଇଓଳୀ ସଫାଇ ବ୍ୟବସ୍ଥା କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।

### ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧ :

- ❖ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ପ୍ରତ୍ୟେକ ୱାର୍ଡ଼ର ଏକ ମୌଳିକ ସମସ୍ୟା ହୋଇଥିବାରୁ, ପ୍ରତ୍ୟେକ ସମୟରେ ଗୁରୁତ୍ୱ ପ୍ରଦାନ କରାଯାଇ ଏହି ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଉନ୍ନତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବା ନିମନ୍ତେ ପରାମର୍ଶ ଦେଇଥିଲେ ।
- ❖ ରାମକୀ ସଂସ୍ଥାଙ୍କ ସହିତ ସ୍ୱାକ୍ଷରିତ କରାଯାଇଥିବା ଚୁକ୍ତିନାମାର ଏକ ନକଲ ତର୍ଜମା ନିମନ୍ତେ ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ବିଭିନ୍ନ ୱାର୍ଡ଼ ମାନଙ୍କରେ ଦୀର୍ଘ ଦିନ ଧରି ଠୁଳ କରାଯାଇଥିବା ମାଟି ଓ ଅଳିଆ ଉଠାଯିବା ନିମନ୍ତେ ସ୍ୱତନ୍ତ୍ର ଭାବେ ଅତିରିକ୍ତ ଟ୍ରାକ୍ଟର ନିୟୋଜନ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ❖ ପ୍ରତ୍ୟେକ ୱାର୍ଡ଼ ମଧରେ ଫାଇଲେରୀଆ କାର୍ଯ୍ୟକ୍ରମ ନିମନ୍ତେ ନିୟୋଜିତ କରାଯାଇଥିବା ମେଟ ଏବଂ କୁଲୀ ମାନଙ୍କୁ ସମ୍ପୃକ୍ତ ୱାର୍ଡ଼ର କାର୍ଯ୍ୟରେ ନିୟୋଜିତ ହେବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯିବାକୁ ମଧ ମତ ଦେଇଥିଲେ ।
- ❖ ବିଭିନ୍ନ ୱାର୍ଡ଼ର ବୈଦ୍ୟୁତିକ ଆଲୋକର ସମସ୍ୟାକୁ ଦୃଷ୍ଟିରେ ରଖାଯାଇ, ଯଥାଶିଘ୍ର Annual Tender ମାଧମରେ ସାମଗ୍ରୀ ଗୁଡ଼ିକ ୩ ମାସ ଅନ୍ତରରେ ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

### ଶ୍ରୀଯୁକ୍ତ ରମଜାନ ଖାନ୍, କର୍ପୋରେଟର, ୱାର୍ଡ଼ ନଂ-୧୭ :

- ❖ ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିଶ୍ଚିଷ୍ଟ ଭାବେ ନିଷ୍ପତି ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ନିଗମ ଅଂଚଳର ପ୍ରତ୍ୟେକ ବୈଦ୍ୟୁତିକ ଖୁଣ୍ଟିରେ ଆଲୋକ ବ୍ୟବସ୍ଥା କରାଯିବାକୁ, ପଦକ୍ଷେପ ଗ୍ରହଣ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।
- ❖ ଯୁଦ୍ଧ କାଳୀନ ଭିତିରେ ପ୍ରତ୍ୟେକ ୱାର୍ଡ଼ ମଧରେ ଠୁଳ କରାଯାଇଥିବା ଅଳିଆ ଆବର୍ଜନା ଉଠାଯିବା ନିମନ୍ତେ, ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇ, ସଫାଇ ଓ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବାକୁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ଏ ଦିଗରେ ସମସ୍ତଙ୍କ ମତାମତକୁ ଗୁରୁତ୍ୱ ପ୍ରଦାନ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ୱାର୍ଡ଼ରୁ କୁଲୀ ମାନଙ୍କୁ ପ୍ରତ୍ୟାହାର ସମୟରେ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ❖ ନିଗମ ଅଧିନରେ ରହିଥିବା ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ବିଭାଗରେ ଆବଶ୍ୟକୀୟ ଅତିରିକ୍ତ କର୍ମଚାରୀ ନିୟୋଜନ ସହିତ ଆବଶ୍ୟକୀୟ ଉପକରଣ ଯଥାଶିଘ୍ର ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ପ୍ରସ୍ତାବ ଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧରେ କାର୍ଯ୍ୟକାରୀ କରାଯିବାକୁ ସେ ମଧ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ପୂର୍ବ

କାଉନସିଲ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଗୁଡ଼ିକର ବାସ୍ତବ କାର୍ଯ୍ୟକାରୀ ଦିଗରେ ସମିକ୍ଷା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବିଭିନ୍ନ ୱାର୍ଡ଼ ମାନଙ୍କରେ ଖାଦ୍ୟ ନିରାପତା ଆଇନ ଅନୁଯାଇ ରେସନ କାର୍ଡ଼ ପ୍ରଦାନ କ୍ଷେତ୍ରରେ ବହୁ ତ୍ରୁଟୀ ପରିଲକ୍ଷୀତ ହୋଇଥିବାରୁ, ଏ ଦିଗରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ଦ୍ୱାରା ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ଚାରୁଲତା ସାହୁ, କର୍ପୋରେଟର, ୱାର୍ଡ଼ ନଂ-୧୯ :**

❖ ନିଗମର ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଭାଗରେ ଏକ ଉନ୍ନତଧରଣର ରେକର୍ଡ଼ରୁମର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ପ୍ରମାଣ ପତ୍ର ପ୍ରଦାନ ନିମନ୍ତେ ପବ୍ଲିକ କାଉଣ୍ଟର ପରିସରର ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇ, ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଏହି ବିଭାଗର କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା ନିମନ୍ତେ ଆବଶ୍ୟକ ସଂଖ୍ୟକ କମ୍ପ୍ୟୁଟର, ପ୍ରିଣ୍ଟର, ସ୍କାନର ଏବଂ ଆବଶ୍ୟକ ସଂଖ୍ୟକ ଫର୍ମ ଓ ସାର୍ଟିଫିକେଟ ଯୋଗଇ ଦେବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଏହି ବିଭାଗ ନିମନ୍ତେ ଅତିରିକ୍ତ କର୍ମଚାରୀ ନିୟୋଜନ କରାଯାଇ ବିଭାଗର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ଏହି ବିଭାଗର ଗୁରୁତର ଅବ୍ୟବସ୍ଥା ସମ୍ପର୍କରେ ଏକ ଲିଖିତ ଅଭିଯୋଗ ପ୍ରଦାନ କରି, ଯଥାଶିଘ୍ର ସମସ୍ୟା ଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ ନିବେଦନ କରିଥିଲେ ।

**ଶ୍ରୀଯୁକ୍ତା ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ଼ ନଂ-୪୬ :**

❖ ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ୱାର୍ଡ ମଧରେ କୌଣସି ନୂତନ ନଳକୂପ ସ୍ଥାପନ କରାଯାଇନଥିବା ଦୃଷ୍ଟିରୁ, ବର୍ତମାନ ସୁପାରିଶ କରାଯାଇଥିବା ନଳକୂପ ଗୁଡ଼ିକର ସ୍ଥାପନ ନିମନ୍ତେ ସମୟସୀମା ନିର୍ଦ୍ଧାରଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଘରୋଇକରଣ କରାଯାଇଥିବା ୱାର୍ଡ଼ ମାନଙ୍କୁ ସମ ପରିମାଣର ଡ଼ଷ୍ଟବିନ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ ।।

❖ ବୈଦ୍ୟୁତିକ ଆଲୋକ ଗୁଡ଼ିକର ମରାମତି ନିମନ୍ତେ ଯଥାଶିଘ୍ର ଆବଶ୍ୟକୀୟ Spare Parts ଗୁଡ଼ିକର ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଧିନରେ ରହିଥିବା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଭାଗର ବିଭିନ୍ନ ସମସ୍ୟା ଗୁଡ଼ିକ ପ୍ରତି ଧାନ ଦିଆଯାଇ, ଜନସାଧାରଣ ମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧରେ ସମସ୍ତ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ସେ ମଧ ଉକ୍ତ ବିଭାଗ ନିମନ୍ତେ ଏକ ଉନ୍ନତ ରେକର୍ଡ଼ ରୁମର ବ୍ୟବସ୍ଥା ସହ ଆବଶ୍ୟକୀୟ Consumables ଯଥା ସମୟରେ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ ।

ନିଗମର ବିଜୁ ଭବନ ପରିସର ମଧ୍ୟରେ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ କାର୍ଯ୍ୟ କରୁଥିବା "କଣ୍ଟ୍ରୋଲ ରୁମ"କୁ ବିକାଶ ଭବନ ପରିସରକୁ ସ୍ଥାନାନ୍ତରିତ କରାଯାଇ, ଅତ୍ୟନ୍ତ ଭଗ୍ନ ଅବସ୍ଥାରେ ରହିଥିବା ଘରକୁ ଭଙ୍ଗାଯାଇ, ଉକ୍ତ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗର ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଭାଗ ନିମନ୍ତେ ନୂତନ ଘର ନିର୍ମାଣ କରାଯିବାକୁ କମିଶନର ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ-, କର୍ପୋରେଟର, ୱାର୍ଡ଼ ନଂ-୧୦ :**

❖ ନିର୍ଦ୍ଦିଷ୍ଟ ଭାବେ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ଏବଂ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର କାର୍ଯ୍ୟ ପରିସର ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଡ୍ରେନେଜ, ପଙ୍କ ଉଦ୍ଧାର କାର୍ଯ୍ୟ, ଟୟଲେଟ ନିର୍ମାଣ କାର୍ଯ୍ୟ ଗୁଡ଼ିକ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର କାର୍ଯ୍ୟ ପରିସର ମଧରେ ଆସୁଥିଲେ ମଧ, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ପବ୍ଲିକ ଟୟଲେଟ ନିର୍ମାଣର ପ୍ରସ୍ତାବ ଆଗତ କରାଯାଇଥିବା ଦୃଷ୍ଟିରୁ, ଏ ଦିଗରେ ସ୍ପଷ୍ଟିକରଣ ଚାହିଁଥିଲେ ।

ଏ ଦିଗରେ ସ୍ପଷ୍ଟିକରଣ ପ୍ରଦାନ କରି କମିଶନର କହିଥିଲେ OMC Act ଅନୁଯାୟୀ ଡ୍ରେନେଜ ବ୍ୟବସ୍ଥା ଉଭୟ ପବ୍ଲିକ ହେଲଥ ଏବଂ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟିର କାର୍ଯ୍ୟ ପରିଧି ମଧ୍ୟରେ ଆସୁଅଛି । ପବ୍ଲିକ ଟୟଲେଟ ଗୁଡ଼ିକ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର କାର୍ଯ୍ୟ ପରିସର ମଧ୍ୟରେ ଆସୁଥିବା ସେ ପ୍ରକାଶ କରିଥିଲେ ।

**ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, ଅଧ୍ୟକ୍ଷ, ପ୍ଲାନିଙ୍ଗ ଆଣ୍ଡ ଡେଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି :**

- ନିଗମ ଅଧିନରେ ରହିଥିବା କଲ୍ୟାଣ ମଣ୍ଡପର ଏସି ମରାମତି କାର୍ଯ୍ୟ କରାଯାଇ, ଉକ୍ତ ମଣ୍ଡପ ମଧ୍ୟରେ ରହିଥିବା Toilet ର ପୁର୍ନରୁଦ୍ଧାର କାର୍ଯ୍ୟ ସହ, ଜଳ ଯୋଗାଣର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଯଥାଶିଘ୍ର ୨ ଗୋଟି ଛୋଟ ସ୍ଲଜ ପମ୍ପ ସଂଗ୍ରହଣ ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ନିଗମର ଅବସରପ୍ରାପ୍ତ କର୍ମଚାରୀ ମାନେ ଦୀର୍ଘ ବର୍ଷ ଧରି ନିଗମର କ୍ୱାଟର ଗୁଡ଼ିକ ବର୍ତମାନ ସୁଦ୍ଧା ଛାଡ଼ିନଥିବାରୁ, ଏ ଦିଗରେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ, ନୂତନ ଯୋଗ୍ୟ କର୍ମଚାରୀ ମାନଙ୍କୁ ଆବଣ୍ଟନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ପୂର୍ବରୁ ଆସନ୍ତା ସ୍ୱାୟତ ଶାସନ ଦିବସ ପାଳନ ଅବସରରେ "ପ୍ରୋଜେକ୍ଟ ସମ୍ମାନ" ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ଉନ୍ମୋଚନ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିବା ଦୃଷ୍ଟିରୁ, ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ୱାର୍ଡ଼ର କେଶରପୁର ପୋଲ ପାଖରୁ ଫ୍ରେଣ୍ଡସ୍ କଲୋନୀ ଶିବ ମନ୍ଦିର ପର୍ଯ୍ୟନ୍ତ MSWC-I ପଙ୍କ ଉଦ୍ଧାର ମାଟିକୁ ଅତିରିକ୍ତ କୁଲୀ ନିୟୋଜନ କରାଯାଇ ଉଠାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା ବିଭିନ୍ନ ନିର୍ବାଚନ ମଣ୍ଡଳୀ ଅନୁଯାଇ ନୂତନ ନଳକୂପ ସ୍ଥାପନ ନିମନ୍ତେ ଆଗତ ପ୍ରସ୍ତାବକୁ ବିରୋଧ କରିଥିଲେ ଏବଂ ସମ୍ପୃକ୍ତ କର୍ପୋରେଟର ମାନଙ୍କ ପ୍ରସ୍ତାବ ଅନୁଯାୟୀ ୱାର୍ଡ଼ର ଆବଶ୍ୟକ ସ୍ଥାନରେ ନୂତନ ନଳକୂପ ସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଏ ଦିଗରେ ସ୍ପଷ୍ଟିକରଣ ପ୍ରଦାନ କରି ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ ଶ୍ରୀ ରଞ୍ଜନ କୁମାର ବିଶ୍ୱାଳ କହିଥିଲେ, ବହୁ ପୂର୍ବରୁ ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ୨ଟି ଲେଖାଏଁ ନୂତନ ନଳକୂପ ସ୍ଥାପନ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲା, କିନ୍ତୁ ସେଥିପାଇଁ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରାଯାଇନଥିବାରୁ ଏହି ପ୍ରସ୍ତାବକୁ ସ୍ଥଗିତ ରଖାଯାଇଥିଲା । କିନ୍ତୁ ସ୍ଥାନୀୟ ବିଧାନସଭା ସଦସ୍ୟ ମାନଙ୍କ ଉଦ୍ୟମରୁ ପାଣ୍ଠିର ବ୍ୟବସ୍ଥା କରାଯାଇ ସେମାନଙ୍କ ଠାରୁ ଏହାର ସ୍ଥାପନ ନିମନ୍ତେ ପ୍ରସ୍ତାବ ମାନ ପ୍ରାପ୍ତ ହୋଇଥିବାରୁ, ଉକ୍ତ ସ୍ଥାନ ଗୁଡ଼ିକ ସହିତ କର୍ପୋରେଟର ମାନେ ପ୍ରଦାନ କରିଥିବା ସ୍ଥାନ ମାନଙ୍କରେ ଏହାର ସ୍ଥାପନ କାର୍ଯ୍ୟ କରାଯିବା ନିମନ୍ତେ ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଅନୁମୋଦନ ନିମନ୍ତେ ସୁପାରିଶ କରାଯାଇଥିବା ପ୍ରକାଶ କରିଥିଲେ । ଯଦି କର୍ପୋରେଟର ମାନେ ସେମାନଙ୍କ ପ୍ରସ୍ତାବ ପ୍ରଦାନ କରନ୍ତି, ତେବେ ଏହି ତାଲିକା ମଧ୍ୟରେ ଅର୍ନ୍ତଭୁକ୍ତ କରାଯିବାକୁ ସେ ମଧ ପ୍ରତିଶୃତି ପ୍ରଦାନ କରିଥିଲେ ।

ପ୍ରତ୍ୟେକ ୱାର୍ଡ଼ର ଆବଶ୍ୟକତା ଅନୁଧ୍ୟାନ କରାଯାଇ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟର ମାନଙ୍କ ପରାମର୍ଶ କ୍ରମେ ନୂତନ ନଳକୂପ ଗୁଡ଼ିକ ସ୍ଥାପନ କରାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ହୃଷୀକେଶ ପ୍ରଧାନ ମତ ଦେଇଥିଲେ ।

ଏ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି କମିଶନର କହିଥିଲେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗତ ବର୍ଷ ସ୍ଥାପନ କରାଯାଇଥିବା ନୂତନ ନଳକୂପ ନିମନ୍ତେ ନିଗମର ପରାମର୍ଶ ମଧ ମଗାଯାଇନଥିଲା । କିନ୍ତୁ ଚଳିତ ବର୍ଷ ୧୦୦ଟି ନୂତନ ନଳକୂପ ସ୍ଥାପନ ନିମନ୍ତେ ବିଭିନ୍ନ କର୍ପୋରେଟର ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରସ୍ତାବ ଏବଂ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ପୂର୍ବରୁ କରାଯାଇଥିବା ସୁପାରିଶ ଭିତିରେ, ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଏହି ତାଲିକା ପ୍ରସ୍ତୁତ କରାଯାଇଛି । ମାନ୍ୟବର ମେୟରଙ୍କ ଅନୁମୋଦନ କ୍ରମେ ଏହି ତାଲିକାକୁ ସଂଶୋଧନ କରାଯାଇ ସମ୍ପୃକ୍ତ କର୍ପୋରେଟର ମାନଙ୍କ ଦ୍ୱାରା ଚିହ୍ନଟ ନୂତନ ସ୍ଥାନରେ ଏହି ନଳକୂପ ଗୁଡ଼ିକ ସ୍ଥାପନ କରାଯିବା ନିମନ୍ତେ ସେ ପ୍ରସ୍ତାବ ଦେଇଥିଲେ । ସେ ମଧ ୱାର୍ଡ଼ର ଅତ୍ୟାବଶ୍ୟକ ସ୍ଥାନ ଗୁଡ଼ିକ ଚିହ୍ନଟ କରି ସମ୍ପୃକ୍ତ କର୍ପୋରେଟର ମାନଙ୍କ ଦ୍ୱାରା ପ୍ରସ୍ତାବ ଆଗତ କରାଗଲେ, ଉକ୍ତ ସ୍ଥାନରେ ଅତିରିକ୍ତ ନୂକଳପ ସ୍ଥାପନ ନିମନ୍ତେ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଜାତୀୟ ରାଜପଥ କଡ଼ରେ ସିମ୍ପ୍ଲେକ୍ସ କମ୍ପାନି ଦ୍ୱାରା ନିର୍ମାଣ କରାଯାଇଥିବା ଡ୍ରେନ ଗୁଡ଼ିକର Proper Leveling କୁ ଧ୍ୟାନରେ ରଖାଯାଇ ନିର୍ମାଣ କରାଯିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରାଯିବାକୁ ସଦସ୍ୟ ଶ୍ରୀ ହୃଷୀକେଶ ପ୍ରଧାନ ମତ ଦେଇଥିଲେ । ସେ ମଧ୍ୟ ବିଭିନ୍ନ ୱାର୍ଡ଼ରେ ବକେୟା ରହିଥିବା ସର୍ଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ୫ ଜଣ ଲେଖାଏଁ କୁଲୀ ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧ୍ୟମରେ ନିୟୋଜନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଜାଇକା କର୍ତ୍ତୃପକ୍ଷଙ୍କୁ ବିଭିନ୍ନ କାର୍ଯ୍ୟ ସ୍ଥଳୀରେ ବର୍ଷାଦିନରେ ଜଳନିଷ୍କାସନର ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ପ୍ରଦାନ କରାଯିବାକ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

ସର୍ଭିସ ପ୍ରୋଭାଇଡ଼ର ମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କୁଲୀ ମାନଙ୍କୁ ନିୟୋଜନ କରୁନଥିବା ଦୃଷ୍ଟିରୁ, ନିଗମ ଅଧିନରେ ଥିବା ସ୍ଥାୟୀ କୁଲୀ ମାନଙ୍କ ମଧ୍ୟରୁ ପତ୍ୟେକ ୱାର୍ଡ଼କୁ ୫ ଜଣ ଲେଖାଏଁ ଏକ ମାସ ନିମନ୍ତେ ପ୍ରଦାନ କରିବାକୁ ସଦସ୍ୟା ଶ୍ରୀଯୁକ୍ତା ପ୍ରଳୟା ବେଉରା ପ୍ରସ୍ତାବ ଦେଇଥିଲେ ।

ରାଜା ବଗିଚା ହୋମିଓ ଡ଼ିସପେନ୍ସ୍ୟାରୀରେ କୌଣସି ଡ଼ାକ୍ତର ନଥିବା ଦୃଷ୍ଟିରୁ ଏକ ଡ଼ାକ୍ତରଙ୍କ ନିୟୋଜନର ବ୍ୟବସ୍ଥା କରାଯିବାକୁ ସଦସ୍ୟା ଶ୍ରୀଯୁକ୍ତ ବୈଶାଳୀ ବେହେରା ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, କର୍ପୋରେଟର, ୱାର୍ଡ଼ ନଂ-୦୮ :**

- ନିଗମ ଅଧିନରେ ରହିଥିବା ଟ୍ରାକ୍ଟର ମାନଙ୍କ ଦ୍ୱାରା ବିଭିନ୍ନ ୱାର୍ଡ଼ର ଅଳିଆ ଆବର୍ଜନା ଏବଂ ମାଟି ଉଠା ସମ୍ପର୍କରେ ଏକ Status Report ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା କାଉନସିଲରେ ଉପସ୍ଥାପନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ସ୍ଥାନରେ ପଙ୍କ ଉଦ୍ଧାର କାର୍ଯ୍ୟ ଗୁଡ଼ିକ ଅନୁଧ୍ୟାନ କରାଯାଇ, ଯଥାଶିଘ୍ର ଉକ୍ତ ସ୍ଥାନ ମାନଙ୍କରୁ ମାଟି ଉଠାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଦୀର୍ଘଦିନ ଧରି ବହୁ ସ୍ଥାନରେ ମଲୁଆ ଗୁଡ଼ିକ ପଡ଼ିରହିଥିବାରୁ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇ, ଏ ଦିଗରେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଗିରିବାଳା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୦୪ :**

- ବୈଠକରେ ନିଗମ ଅଂଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ, ବହୁ ସମସ୍ୟାର ସମାଧାନ କରାଯାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।
- ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଅନେକ ନିଷ୍ପତି ଗ୍ରହଣ କରାଯାଉଥିଲେ ମଧ୍ୟ, ବାସ୍ତବ କ୍ଷେତ୍ରରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେ ଗୁଡ଼ିକ କାର୍ଯ୍ୟକାରୀ କରାଯାଉନଥିବାରୁ, ଏ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।
- ନିକଟରେ ନିଗମ ଅଂଚଳରେ ଗୃହ ଟିକସର ବୃଦ୍ଧି କରାଯାଇଥିଲେ ମଧ୍ୟ, ଲୋକମାନଙ୍କୁ ଉନ୍ନତ ମାନର ସେବା ଯୋଗାଇ ଦିଆଯାଇ ପାରୁନଥିବାର ଅଭିଯୋଗ କରିଥିଲେ ।
- ଟାଉନହଲର ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ଧରି ପଡ଼ିରହିଥିବାରୁ ଏହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ବିଭିନ୍ନ ସ୍ଥାନରେ ପାନୀୟ ଜଳ ଯୋଗାଣର ପାଇପ ଫାଟି, ଜଣ୍ଡିସ ରୋଗ ବ୍ୟାପିଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।
- ରାମକୀ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ତଦାରଖ କରାଯାଇ, ଉକ୍ତ ସଂସ୍ଥାଙ୍କ ସହ ସ୍ୱାକ୍ଷରିତ କରାଯାଇଥିବା ଚୁକ୍ତିନାମାର ଏକ ନକଲ ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ସିଡ଼ିଏର ବିଭିନ୍ନ ଅଂଚଳରେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ନିମନ୍ତେ ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଦୀର୍ଘବର୍ଷ ଧରି ଆବେଦନ କରିଥିବା ହିତାଧିକାରୀ ମାନଙ୍କୁ ନୂତନ ଭତା ମଞ୍ଜୁର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଦେବୀଗଡ଼ାଠାରେ ବହୁ ପୂର୍ବରୁ ପ୍ରସ୍ତାବିତ ତୋରଣ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ବିଡ଼ାନାସୀ ଏବଂ ପେଟାନାଳର ପରିବେଶ ପ୍ରତି ଦୃଷ୍ଟି ଦିଆଯାଇ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେଠାରେ ଟ୍ରିଟମେଣ୍ଟ ପ୍ଲାଣ୍ଟର କାର୍ଯ୍ୟକାରୀ ନିମନ୍ତେ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ପ୍ରତ୍ୟେକ ୱାର୍ଡ଼କୁ ଆବଶ୍ୟକତା ଅନୁଯାୟୀ ମଶାତେଲ ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଗତ ତା ୧୫.୦୪.୨୦୧୫ ରିଖ ବୈଠକରେ ନିଗମର ବିଭିନ୍ନ ଅଂଚଳରେ ଶୌଚାଳୟ ଗୁଡ଼ିକର ମରାମତି କାଯ୍ୟ ନିମନ୍ତେ ଆବଶ୍ୟକୀୟ ପାଣିର ବ୍ୟବସ୍ଥା କରାଯାଇଥିଲେ ମଧ, ବର୍ତମାନ ସୁଦ୍ଧା ଏହି କାର୍ଯ୍ୟ ଗୁଡ଼ିକ ଆରମ୍ଭ କରାଯାଇନଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ବର୍ଷାଦିନ ଆଗତ ପ୍ରାୟ ହୋଇଥିଲେ ମଧ, ପମ୍ପ ଗୁଡ଼ିକର ଆବଶ୍ୟକୀୟ ମରାମତି କାର୍ଯ୍ୟ, ବିଭିନ୍ନ ସ୍ଥାନରେ ରାତ୍ରୀ ଆଶ୍ରୟସ୍ଥଳୀ ଗୁଡ଼ିକର ନିର୍ମାଣ କାର୍ଯ୍ୟ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

## ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା, ଅଧକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :

- ପୂର୍ବ ବର୍ଷ ମାନଙ୍କ ଭଳି ବିଭିନ୍ନ ବୈଦ୍ୟୁତିକ Spare Parts ଗୁଡ଼ିକ Annual Tender ମାଧମରେ ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଆସନ୍ତା ବର୍ଷାରିତୁକୁ ଦୃଷ୍ଟିରେ ରଖାଯାଇ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଅତ୍ୟନ୍ତ ପକ୍ଷେ ୧୫/୨୦ଟି ଲେଖାଏଁ ସୋଡ଼ିୟମ ଭେପର ଲାଇଟ ଟେଣ୍ଡର ମାଧମରେ ସଂଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ଆସନ୍ତା ବର୍ଷାଋତୁରେ ପମ୍ପ ଗୁଡ଼ିକ ଚଳାଯିବା ନିମନ୍ତେ ଆବଶ୍ୟକ ସଂଖ୍ୟକ ପମ୍ପ ଡ୍ରାଇଭର ସର୍ଭିସ ପ୍ରୋଭାଇଡ଼ରଙ୍କ ମାଧମରେ ନିୟୋଜନ କରାଯାଇ ଜୁନ ୧୫ ତାରିଖ ସୁଦ୍ଧା ସମସ୍ତ ଅଂଚଳର ପମ୍ପ ଷ୍ଟେସନ ଗୁଡ଼ିକ କାର୍ଯ୍ୟକ୍ଷମ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୮ ନମ୍ବର ୱାର୍ଡ଼ର ପମ୍ପ ଷ୍ଟେସନ ନିକଟରେ ଆବଶ୍ୟକଥିବା Eviction କାମ ଯଥାଶିଘ୍ର କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।
- ବିଲସାହିଠାରେ ୱାର୍ଡ଼ ନଂ-୦୮ ଓ ୧୬ର ବର୍ଷାଜଳ ନିଷ୍କାସନରେ ରାଜେନ୍ଦ୍ର ମଲ୍ଲିକ ନାମରେ ଜଣେ ସ୍ଥାନୀୟ ବାସିନ୍ଦା ବାଧାସୃଷ୍ଟି କରୁଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ବିଭିନ୍ନ ସ୍ଥାନରେ ପବ୍ଲିକ ଟୟଲେଟ ଗୁଡ଼ିକର ନିର୍ମାଣ କାର୍ଯ୍ୟ NBCC ଦ୍ୱାରା କରାଯାଉନଥିବାରୁ, ଏହି ପ୍ରସ୍ତାବକୁ ନାକଚ କରାଯାଇ ନିଗମ ପକ୍ଷରୁ ଟେଣ୍ଡର ମାଧମରେ ଏ ଗୁଡ଼ିକର ନିର୍ମାଣ କାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ଭତା ପ୍ରଦାନ ନିମନ୍ତେ ବର୍ତମାନ ରହିଥିବା Vacancy କୁ ଅନୁଧାନ କରାଯାଇ ୱାର୍ଡ଼ ୱାରୀ ସମାନଭାବରେ ବଣ୍ଟନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ପୂର୍ବରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ପ୍ରତିଷ୍ଠାନ ବିଭାଗ ଦ୍ୱାରା ସମସ୍ତ କର୍ମଚାରୀ ମାନଙ୍କର Data Base ପ୍ରସ୍ତୁତ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ସେହିପରି ବିଭିନ୍ନ ବାଇ-ଲ ଗୁଡ଼ିକର ପ୍ରସ୍ତୁତି ଦିଗରେ ନିଗମର ଆଇନ ବିଭାଗ ଦ୍ୱାରା ତର୍ଜମା କରାଯାଇ, ଏ ଦିଗରେ ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏ ଦିଗରେ ନିୟୋଜିତ କରାଯାଇଥିବା ସଂସ୍ଥାଙ୍କ ଚୁକ୍ତିନାମାକୁ ନାକଚ କରାଯାଇ, ପରବର୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ବର୍ତମାନ ସୁଦ୍ଧା ବିଭିନ୍ନ ବାଇଲ ଗୁଡ଼ିକର Status ସମ୍ପର୍କରେ ମଧ ସମସ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ପରାମର୍ଶ ଦେଇଥିଲେ ।
- ସନ୍ଧ୍ୟା ସେଲିବ୍ରେସନ କେଶ ମ୍ୟାଟରରେ ଜଣେ ଅଭିଜ୍ଞ ଓକିଲଙ୍କୁ ନିୟୋଜନ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ନିଗମର ରେକର୍ଡ଼ ରୁମକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ, ବିଭିନ୍ନ ରେକର୍ଡ଼ ପତ୍ରର ସୁରକ୍ଷା ଦିଗରେ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ Off Day Allowance ପ୍ରଦାନ ନିମନ୍ତେ ସମ୍ପୃକ୍ତ NFCP କର୍ମଚାରୀ ମାନଙ୍କୁ ଡ଼କାଯାଇ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରାଯିବାକୁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ସେସୁର ଦୁଇ ଡ଼ିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ଡ଼କାଯାଇ, ବିଭିନ୍ନ ଓ୍ୱାର୍ଡ଼ର ବୈଦ୍ୟୁତିକ ସମସ୍ୟା ଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଗତ କାଉନସିଲ ବୈଠକରେ ନିର୍ବାଚନ ତଥା ଆଧାର କାର୍ଡ଼ ପ୍ରଦାନ କ୍ଷେତ୍ରରେ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ସମସ୍ତ Advance ସୂଚନା ପ୍ରଦାନ କରାଯିବା ନିମନ୍ତେ ସେ ପ୍ରସ୍ତାବ ଦେଇଥିବାରୁ, ବିବରଣୀ ମାଧ୍ୟମରେ ପ୍ରକାଶ ପାଇଥିବା ବକ୍ତବ୍ୟକୁ ସଂଶୋଧନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ କୁକୁର ବନ୍ଧ୍ୟାକରଣ ଯୋଜନା କାର୍ଯ୍ୟକାରୀ ନିମନ୍ତେ ନିଗମ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ସ୍ପଷ୍ଟିକରଣ ଚାହିଁଥିଲେ ।

ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ ୭ ନମ୍ବର ଓ୍ୱାର୍ଡ଼ରେ ରହିଥିବା ଡ଼ିସପ୍ୟାନସାରୀର ବର୍ତମାନର Status ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରାଯିବାକୁ ଅନୁରୋଧ କରିଥିଲେ ।

କୁକୁର ବନ୍ଧ୍ୟାକରଣ ଯୋଜନା ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରି ସ୍ୱାସ୍ଥ୍ୟ ଅଧିକାରୀ କହିଥିଲେ, ପୂର୍ବରୁ ଏହି କାର୍ଯ୍ୟ ନିମନ୍ତେ ନିୟୋଜିତ ସଂସ୍ଥା ୨୦୧୩ ମସିହାରେ ଭାଙ୍ଗିଯିବା ପରେ, ବର୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି । ସାର୍ଟୋଳସ୍ଥିତ Dog Yard ର ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯାଉଛି ଏବଂ ବକ୍ସି ବଜାରରେ ୨୦ଟି କ୍ୟାନେଲ ମଧ୍ୟ ନିର୍ମାଣ କରାଯାଇଛି । ଏହି ନିର୍ମାଣ କାର୍ଯ୍ୟ ନିମନ୍ତେ ଜଣେ ପଶୁ ଡ଼ାକ୍ତର, ୨ଜଣ ପାରାଭେଟ ଏବଂ ୪ଜଣ କୁକୁର ଧରାଳୀ ନିୟୋଜନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସନ୍ତା ୦୧.୦୭.୨୦୧୫ଠାରୁ ଆରମ୍ଭ କରାଯିବା ନିମନ୍ତେ ସ୍ଥିର କରାଯାଇଥିବା ସେ ପ୍ରକାଶ କରିଥିଲେ । ରାଜା ବଗିଚା ଡ଼ିସପେନସ୍ୟାରୀର ଡ଼ାକ୍ତର ଅବସର ଗ୍ରହଣ କରିବା ପରେ ଏହି ପଦବୀ ବର୍ତମାନ ଖାଲି ପଡ଼ିଥିବା ସେ ପ୍ରକାଶ କରିଥିଲେ । ଦେଉଳସାହିର ଶିବାଜୀ ନଗର କମ୍ୟୁନିଟି ସେଣ୍ଟର ମଧ୍ୟରେ ଚାଲୁଥିବା ହୋମିଓପ୍ୟାଥିକ ଡ଼ିସପ୍ୟାନସରୀ ନିମନ୍ତେ ବର୍ତମାନ ନୂତନ ଘର ଦେଉଳସାହି ଅଂଚଳରେ ଖୋଜା ଚାଲିଥିବାର ସେ ମଧ୍ୟ ସୂଚନା ଦେଇଥିଲେ ।

୨୭ ନମ୍ବର ଓ୍ୱାର୍ଡ଼ରେ ନିୟୋଜିତ ୪ ଜଣ କୁଲୀ ନିକଟରେ ଅବସର ଗ୍ରହଣ କରୁଥିବାରୁ, ତାଙ୍କ ସ୍ଥାନରେ ନୂତନ ନିଯୁକ୍ତି ପ୍ରଦାନ ନିମନ୍ତେ ସଦସ୍ୟା ଶ୍ରୀଯୁକ୍ତ ଇତିଶ୍ରୀ ଦାସ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ନିଉ ରାଉସା ପାଟଣାରେ କମ୍ୟୁନିଟି ହଲ ନିମନ୍ତେ ପ୍ରଦାନ କରାଯାଇଥିବା ପ୍ରସ୍ତାବକୁ ଅନୁମୋଦନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ବିଭିନ୍ନ ଓ୍ୱାର୍ଡ଼ରେ ଅବସରଗ୍ରହଣ କରୁଥିବା ଲୋକ ମାନଙ୍କ ସ୍ଥାନରେ ସର୍ଭିସ ପ୍ରୋଭାଇଡ଼ର ମାନଙ୍କ ମାଧ୍ୟମରେ ନିୟୋଜିତ କୁଲୀ ମାନଙ୍କୁ ମୂତୟନ କରାଯିବା ନିମନ୍ତେ ସ୍ଥିର କରାଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ କରିଥିଲେ । ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ନୂତନ Building Plan ଅନୁମୋଦନ କରାଯିବା ସମୟରେ ପ୍ରସ୍ତାବିତ ନିର୍ମାଣ କାର୍ଯ୍ୟରେ ଉଠାଯିବାକୁ ଥିବା Building Materials (Debries) ନିମନ୍ତେ ନିର୍ଦ୍ଧିଷ୍ଟ ଭାବେ Fee ଧାର୍ଯ୍ୟ କରାଯାଇ ସମ୍ପୃକ୍ତ ଘର ମାଲିକ ଠାରୁ ଆଦାୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, ଅଧ୍ୟକ୍ଷ, ପବ୍ଲିକ ଓ୍ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି :**

❖ ନିଗମର ବିଭିନ୍ନ ଓ୍ୱାର୍ଡ଼ରେ ରହିଥିବା କଲ୍ୟାଣ ମଣ୍ଡପ, ନର୍ସିଂହୋମ ଏବଂ ହୋଟେଲ ମାନଙ୍କରୁ Users Fee ଆଦାୟର ତଥ୍ୟ ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏଥିପାଇଁ ଓ୍ୱାର୍ଡ଼ଓ୍ୱାରୀ ତାଲିକା ପ୍ରସ୍ତୁତ କରାଯାଇ, ଏହି ଫିସ୍‌ର ଆଦାୟ ନିମନ୍ତେ ସମ୍ପୃକ୍ତ କର୍ପୋରେଟର ମାନଙ୍କର ସହଯୋଗ କାମନା କରିଥିଲେ ।

❖ ଆସନ୍ତା ବର୍ଷାଋତୁ ପୂର୍ବରୁ ଆବଶ୍ୟକୀୟ ଗାଭିୟନ ସଂଗ୍ରହଣ କରାଯାଇ ନିଗମର ବିଭିନ୍ନ ଅଂଚଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଯଥାଶିଘ୍ର SRC Grant ବିନିଯୋଗ କରାଯାଇ ଜେସିବି ମେସିନ ସଂଗ୍ରହଣ ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ବିଭିନ୍ନ ଅଂଚଳରେ ରାସ୍ତା ଓ ନାଳ ଅପରୋଧ କରାଯାଇ ହୋଇଥିବା ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯିବା ନିମନ୍ତେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

- ନିଗମର ବିଭିନ୍ନ ଅଂଚଳରେ ବେଆଇନ ଭାବେ ସ୍ଥାପନ କରାଯାଇଥିବା ହୋଡ଼ିଙ୍ଗସ ଗୁଡ଼ିକର ଉଚ୍ଛେଦ ନିମନ୍ତେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ । ଏ ସମ୍ପର୍କରେ ସମ୍ପୃକ୍ତ ଅଂଚଳର କର୍ପୋରେଟର ମାନଙ୍କୁ ସାମିଲ କରାଯାଇ, ଯଥାଶିଘ୍ର ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- NBCC ସହିତ ବାରମ୍ବାର ଆଲୋଚନା କରାଯାଇ, ପ୍ରୋଜେକ୍ଟ ସମ୍ମାନ ତଥା ରାଜୀବ ଆୱାସ ଯୋଜନା କାର୍ଯ୍ୟକାରୀରେ କୌଣସି ଅଗ୍ରଗତି ହୋଇନଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତାବ ଦେଇ, ପ୍ରୋଜେକ୍ଟ ସମ୍ମାନ ଯୋଜନାରେ ସ୍ଥିର କରାଯାଇଥିବା ଶୌଚାଳୟ ନିର୍ମାଣ କାର୍ଯ୍ୟ ନିଗମ ଦ୍ୱାରା ପୃଥକ ଭାବେ ଟେଣ୍ଡର କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ NBCC ସହିତ କରାଯାଇଥିବା ଚୁକ୍ତିନାମାକୁ ବାତିଲ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

### ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ,, କର୍ପୋରେଟର, ୱାର୍ଡ ନଂ-୧୮ :

- କାଉନସିଲ ବୈଠକରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାନଯାଇ, କର୍ପୋରେଟରମାନଙ୍କୁ ଅନ୍ଧକାର ମଧ୍ୟରେ ରଖାଯାଉଥିବାର ଅଭିଯୋଗ କରି, ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ନିଷ୍ପତି ଗୁଡ଼ିକ ବାସ୍ତବ କ୍ଷେତ୍ରରେ କାର୍ଯ୍ୟ୍ୟକାରୀ ହେଉନଥିବାର ଅଭିଯୋଗ କରିଥିଲେ ।
- ବିଭିନ୍ନ ୱାର୍ଡ଼କୁ ୫ ଜଣ ଲେଖାଏଁ ଅତିରିକ୍ତ କୁଲୀ ପ୍ରଦାନ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲେଏ ମଧ୍ୟ, ବାସ୍ତବରେ ୱାର୍ଡ଼ ମାନଙ୍କରେ ସେମାନେ ଅନୁପସ୍ଥିତ ରହୁଥିବା ପ୍ରକାଶ କରିଥିଲେ ।
- NULM ଯୋଜନାରେ ବିଭିନ୍ନ ବ୍ୟାଙ୍କ ମାନେ ସୁପାରିଶ କରାଯାଉଥିବା ଆବେଦନ ପତ୍ର ଗୁଡ଼ିକ ଗ୍ରହଣ ନକରି, ଋଣ ମଞ୍ଜୁର ପ୍ରଦାନ ନିମନ୍ତେ କ୍ଷେତ୍ରରେ ବିଭିନ୍ନ ଆଳ ଦେଖାଉଥିବାରୁ, ଏ ଦିଗରେ ସମ୍ପୃକ୍ତ ବ୍ୟାଙ୍କ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ ।
- ନିଗମ ଅଂଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ, ବହୁ ସମସ୍ୟାର ସମାଧାନ କରାଯାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।
- ଏକ ନମ୍ବର ୱାର୍ଡର କର୍ପୋରେଟରଙ୍କ ଦୀର୍ଘ ଦିନର ଅନୁପସ୍ଥିତିରେ ଉକ୍ତ ୱାର୍ଡ଼ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଇନ ଅନୁଯାଇ ଜଣେ କର୍ପୋରେଟର ଲଗାତାର ଭାବେ ୩ଟି କାଉନସିଲ ବୈଠକରେ ଅନୁପସ୍ଥିତ ରହିଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବ୍ୟବସ୍ଥା ରହିଥିବାରୁ, ସମ୍ପୃକ୍ତ କର୍ପୋରେଟରଙ୍କ ବିରୁଦ୍ଧରେ କି' କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ସ୍ପଷ୍ଟିକରଣ ଚାହିଁଥିଲେ ।

ସଦସ୍ୟା ଶ୍ରୀଯୁକ୍ତ ଗିରିବାଳା ବେହେରା, ଯଥାଶିଘ୍ର ଉକ୍ତ କର୍ପୋରେଟରଙ୍କ ସଭ୍ୟପଦ ରଦ୍ଦ କରାଯିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମତ ଦେଇଥିଲେ ।

- ଚଳିତ ଗ୍ରୀଷ୍ମଋତୁରେ କୌଣସି ଅଂଚଳରେ ଜଳଛତ୍ର କରାନଯାଇ, କେତେକ ସ୍ଥାନରେ ସିଣ୍ଟେକ୍ସ ଟାଙ୍କି ମାଧ୍ୟମରେ ଗରମ ପାଣି ପ୍ରଦାନ କରାଯାଉଥିବାରୁ, ଏହି ପ୍ରସ୍ତାବକୁ ସମାଲୋଚନା କରିଥିଲେ ।
- NUHM ବୈଠକକୁ ସେ ମଧ୍ୟ ସମସ୍ତ କର୍ପୋରେଟର ମାନଙ୍କୁ ଡ଼ାକାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ଗୋଟିଏ ଦିନରେ କାଉନସିଲ ବୈଠକରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା ସମ୍ଭବପର ହେଉନଥିବାରୁ, ପୂର୍ବରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ଏହି ବୈଠକ ୨ ଦିନ ନିମନ୍ତେ କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ଦୁଇ ଓଳୀ ସଫାଇ କାର୍ଯ୍ୟକ୍ରମ ଆରମ୍ଭ କରାଯିବାକୁ ବହୁ ପୂର୍ବରୁ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ୍ୟ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଇନଥିବାର ଅଭିଯୋଗ କରିଥିଲେ ।
- ୱାର୍ଡ଼ ମଧ୍ୟରେ ରହିଥିବା ଗଙ୍ଗାମନ୍ଦିର ପୁଷ୍କରଣୀର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପ୍ରଦାନ କରିଥିବାରୁ, ଯଥାଶିଘ୍ର ନିଗମ ଦ୍ୱାରା ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା, କର୍ପୋରେଟର, ୱାର୍ଡ଼ ନଂ-୧୪ :**

- ୱାର୍ଡ଼ର ଲାଲାମଠ ପରିସର ମଧ୍ୟରେ ରହିଥିବା ଦେବୋତର ପୋଖରୀର ପୁର୍ନରୁଦ୍ଧାର କାର୍ଯ୍ୟ ନିଗମ ପକ୍ଷରୁ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ମେହେନ୍ଦୀପୁର, କାଜି ବଜାର ଏବଂ ରୋଭର୍ସଷ୍ଟ୍ରିଟ ଅଂଚଳର ବର୍ଷାଜଳ ନିଷ୍କାସନ ତଥା ଡ୍ରେନ ପୁର୍ନନିର୍ମାଣ ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ସ୍ପଷ୍ଟିକରଣ ଚାହିଁଥିଲେ ।

ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିବା ମୁଖ୍ୟ ନିଷ୍ପତି ଗୁଡ଼ିକ ସମ୍ପର୍କରେ ଆଲୋକପାତ କରି କମିଶନର କହିଥିଲେ, ନିଗମର ସମସ୍ତ ୫୯ ୱାର୍ଡ଼ ମଧ୍ୟରେ ସମପରିମାଣରେ ସଂଗ୍ରହଣ କରାଯାଇଥିବା ଡ଼ଷ୍ଟବିନ ଗୁଡ଼ିକ ଆବଣ୍ଟନ କରାଯିବ । ବସ୍ତି ଅଂଚଳ ଗୁଡ଼ିକ ନିମନ୍ତେ ସତନ୍ତ ଭାବେ କିଛି ଡ଼ଷ୍ଟବିନ ସଂଗ୍ରହଣ କରାଯାଇ ସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ରାମକୀ ସଂସ୍ଥାଙ୍କ ସହ କରାଯାଇଥିବା ଚୁକ୍ତିନାମାର ଏକ ନକଲ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ସେ ମଧ୍ୟ ପ୍ରକାଶ କରିଥିଲେ । ଅଳିଆ ଆବର୍ଜନା ଓ ମାଟି ଉଠାଯିବା ନିମନ୍ତେ ଆବଶ୍ୟକ ଥିବା ଅତିରିକ୍ତ ଗାଡ଼ିର ବ୍ୟବସ୍ଥା କରାଯାଇ ଯଥାଶିଘ୍ର ଉଠାଯିବା ନିମନ୍ତେ ସେ ମଧ୍ୟ ପ୍ରକାଶ କରିଥିଲେ । ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ଦୁଇଓଳୀ ସଫାଇ କାର୍ଯ୍ୟକ୍ରମ କରାଯାଇ ପ୍ରତ୍ୟେକ ଦିନ ୱାର୍ଡ଼ର ହାଜିରା ପଏଣ୍ଟଠାରେ ସେମାନଙ୍କର ଉପସ୍ଥାନ ରଖାଯାଇ ଯଥାଶିଘ୍ର Bio-Matric Attendance System ଲାଗୁ କରାଯିବା ନିମନ୍ତେ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ । Pilot Basis ରେ ନିର୍ଦ୍ଦିଷ୍ଟ ଏକ ୱାର୍ଡ଼ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଏହାକୁ ଲାଗୁ କରାଯିବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ । ବୈଦ୍ୟୁତିକ ସାମଗ୍ରୀ ଗୁଡ଼ିକର Annual Tender ନିମନ୍ତେ ଅନୁମୋଦନ କରାଯାଇଥିବା ଦୃଷ୍ଟିରୁ ଯଥାଶିଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ପ୍ରତ୍ୟେକ ବୈଦ୍ୟୁତିକ ଖୁଣ୍ଟିରେ ଆଲୋକର ବ୍ୟବସ୍ଥା ନିମନ୍ତେ ଏକ ଖର୍ଚ୍ଚ ଆକଳନ ପ୍ରସ୍ତୁତ କରାଯିବାକୁ ସେ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ନିଗମର ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରେସନ ବିଭାଗକୁ ସ୍ଥାନ୍ତର କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ମଧ୍ୟ ପ୍ରକାଶ କରିଥିଲେ । ସର୍ଫେସ ଡ୍ରେନ ସଫାଇ ନିମନ୍ତେ ଅତିରିକ୍ତ ୫ ଜଣ ଲେଖାଏଁ କୁଲୀ ପ୍ରଦାନ ନିମନ୍ତେ ସେ ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ନିଗମ ଅଂଚଳରେ ସାମିଲ କରାଯାଇଥିବା ପଂଚାୟତର ସମସ୍ତ ଭୂସମ୍ପତି ନିଗମ ଅଧିନକୁ ଅଣାଯିବା ନିମନ୍ତେ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାଇ Building Plan Approval କାର୍ଯ୍ୟକ୍ରମ ସିଡ଼ିଏ ଠାରୁ ନିଗମ ଅଧିନକୁ ଅଣାଯିବାକୁ ସ୍ଥିର କରାଯାଇଥିବା ଦୃଷ୍ଟିରୁ, ଏ ଦିଗରେ ଆବଶ୍ୟକ ଥିବା Plan of Action ପ୍ରସ୍ତୁତ କରାଯିବାକୁ ସେ ମଧ୍ୟ ପ୍ରକାଶ କରିଥିଲେ । ବିଭିନ୍ନ ଭତା ପ୍ରଦାନ ନିମନ୍ତେ ସରକାରଙ୍କ ନୀୟମ ଅନୁଯାୟୀ ବିଭିନ୍ନ ୱାର୍ଡ଼ର ଜନସଂଖ୍ୟାକୁ ଭିତି କରାଯାଇ Target ନିର୍ଦ୍ଧାରଣ ସହ, ହିତାଧିକାରୀ ମାନଙ୍କ ବୟସ ଏବଂ Destitute କୁ ଭିତି କରାଯାଇ ଭତା ମଞ୍ଜୁର କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ । ଆସନ୍ତା ମାସଠାରୁ ଭତା ପ୍ରଦାନ ନିମନ୍ତେ Computerised Acquittance Roll ପ୍ରସ୍ତୁତ କରାଯିବା ନିମନ୍ତେ ସେ ମଧ୍ୟ ସୂଚନା ଦେଇଥିଲେ । ଏହି ତାଲିକାକୁ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ମଧ୍ୟ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିବା ସେ ପ୍ରକାଶ କରିଥିଲେ । ବର୍ତମାନ ଥିବା 700 Vacancy କୁ ମଞ୍ଜୁର କରାଯାଇ ଆସନ୍ତା ମାସ ଠାରୁ ଠାରୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ଅଂଚଳରେ Public Toilet ଗୁଡ଼ିକ ନିର୍ମାଣ ନିମନ୍ତେ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ଆଲୋଚନା କରାଯାଇ ଉପଯୁକ୍ତ ସ୍ଥାନ ନିରୂପଣ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ । ଆସନ୍ତା ବର୍ଷାଋତୁ ପୁର୍ବରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ନିମନ୍ତେ City Forest Division ଙ୍କ ସହିତ ଯୋଗାଯୋଗ କରାଯାଇ ନିଗମର ବିଭିନ୍ନ ଅଂଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ । SRC Grant ବିନିମୟରେ ଜେସିବି ସଂଗ୍ରହଣ ନିମନ୍ତେ ମଞ୍ଜୁର କରାଯାଇଥିବା ଦୃଷ୍ଟିରୁ ଆସନ୍ତା ମାସରେ ୨ଟି ଜେସିବି ସଂଗ୍ରହଣ କରାଯାଉଥିବା ପ୍ରକାଶ କରିଥିଲେ । ହୋଲଡ଼ିଙ୍ଗ ଟିକସ ଏବଂ ଲାଇସେନ୍ସ ବିଭାଗର ସମସ୍ତ Data Digitisation କରାଯାଇଥିବା ସେ ମଧ୍ୟ ପ୍ରକାଶ କରିଥିଲେ । କୌଣସି କର୍ପୋରେଟରଙ୍କ ସଭ୍ୟପଦ ରଦ୍ଦ କରାଯିବା କେବଳ ରାଜ୍ୟ ସରକାରଙ୍କ କ୍ଷମତା ମଧ୍ୟରେ ରହିଥିବାରୁ, ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସେ ପ୍ରକାଶ କରିଥିଲେ । NUHM ର Guideline ଅନୁଯାୟୀ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ନିମନ୍ତେ କେବଳ କମିଟିର ସଦସ୍ୟ ମାନଙ୍କୁ ଆମନ୍ତ୍ରଣ କରାଯାଇଥିବା ସେ ପ୍ରକାଶ କରିଥିଲେ । ବିଭିନ୍ନ ଯୋଜନାରେ ପ୍ରାପ୍ତ ଅନୁଦାନ ବ୍ୟାଙ୍କରେ ଜମା କରାଯାଇ, ଉକ୍ତ ଜମାର ସୁଧ କେବଳ ସମ୍ପୃକ୍ତ ଯୋଜନାର ଅନୁଦାନ ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଉଥିବା ସେ ମଧ୍ୟ ପ୍ରକାଶ କରିଥିଲେ । ଗୋଟିଏ ଯୋଜନାରେ ପ୍ରାପ୍ତ ଅନୁଦାନକୁ ଅନ୍ୟ ଯୋଜନାର କାର୍ଯ୍ୟ ନିମନ୍ତେ ମଧ୍ୟ Diversion କରାଯାଉନଥିବା ସେ ପ୍ରକାଶ କରିଥିଲେ । ବିଭିନ୍ନ ଅଂଚଳରେ Unauthorised Encroachment ଗୁଡ଼ିକର ଉଚ୍ଛେଦ ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ସେ ମଧ୍ୟ ପ୍ରକାଶ କରିଥିଲେ । ନିଗମର କଲ୍ୟାଣ ମଣ୍ଡପର ଏସି ଏବଂ ଜଳଯୋଗାଣ ବ୍ୟବସ୍ଥାର ଆବଶ୍ୟକୀୟ ମରାମତି କାର୍ଯ୍ୟ

କରାଯିବା ନିମନ୍ତେ ସେ ମଧ୍ୟ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଗମ ଅଂଚଳରେ ରହିଥିବା ଅନ୍ୟାନ୍ୟ କଲ୍ୟାଣ ମଣ୍ଡପ ଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇ, ନିୟମ ଅନୁଯାୟୀ ଆବଶ୍ୟକୀୟ ଭିତିଭୂମି, ତଥା ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରସ୍ତୁତ କରାଯାଉଥିବା ସେ ପ୍ରକାଶ କରିଥିଲେ । ନିଗମ ଅଂଚଳର ଯେଉଁ ବ୍ୟାଙ୍କମାନେ ଋଣ ପ୍ରଦାନ କ୍ଷେତ୍ରରେ ସହଯୋଗ ପ୍ରଦାନ କରୁନାହାଁନ୍ତି, ତାହାର ତାଲିକା Bankers meeting ରେ ଉପସ୍ଥାପନା କରାଯାଇ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ  ଗ୍ରହଣ କରାଯିବାକୁ ସେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ନିଗମର ବିଭିନ୍ନ ଅଂଚଳରେ ବେଆଇନଭାବେ ନିଗମର ବିନା ଅନୁମତିରେ ସ୍ଥାପନ କରାଯାଇଥିବା ହୋଡ଼ିଙ୍ଗସ ଗୁଡ଼ିକ ସମ୍ପର୍କରେ ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଆଲୋଚନା କରାଯାଇ, ସେ ଗୁଡ଼ିକର ତାଲିକା ପ୍ରସ୍ତୁତ ସହ, ଉଚ୍ଛେଦ କରାଯିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ । ସେ ମଧ୍ୟ ନିଗମର ବିଭିନ୍ନ ଅଂଚଳରେ ସ୍ଥାପନ କରାଯାଇଥିବା ହୋଡ଼ିଙ୍ଗସ ଗୁଡ଼ିକର ଏକ ୱାର୍ଡ଼ ୱାରୀ ତାଲିକା ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରକାଶ କରିଥିଲେ ।

ଆସନ୍ତା ରଥଯାତ୍ରାକୁ ଦୃଷ୍ଟିରେ ରଖାଯାଇ ପ୍ରସ୍ତାବିତ ଆକବରୀ ହୋଟେଲ କର୍ଲଭଟ ଏବଂ ଦୋଲମୁଣ୍ଡାଇ ଚନ୍ଦନ ପଡ଼ିଆକୁ କଂକ୍ରିଟ କରାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ପୁରୀଘାଟ  ପାଣ ସାହିର ବସ୍ତି ଲୋକମାନେ  ବର୍ତମାନ ସେମାନଙ୍କର ଘର ଭାଙ୍ଗି  ଦେଇଥିବାରୁ,  ଯଥାଶିଘ୍ର ରାଜୀବ ଆୱାସ ଯୋଜନାରେ  ଅନୁମୋଦିତ  ଗୃହ  ନିର୍ମାଣ କରାଯିବାକୁ ସଦସ୍ୟା ଶ୍ରୀଯୁକ୍ତା ବୈଶାଳୀ ବେହେରା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ରାଜ କୁମାର ସ୍ୱାଇଁ ୱାର୍ଡ଼ ମଧ୍ୟରେ ଜାତୀୟ ଖାଦ୍ୟ ନିରାପତା ଆଇନ ଅନୁଯାୟୀ ରେସନ କାର୍ଡ଼ SECC କାର୍ଯ୍ୟକ୍ରମ ନିମନ୍ତେ ଖୋଲାଯାଇଥିବା କେନ୍ଦ୍ରର ଆବଶ୍ୟକ ସଂଖ୍ୟକ ଆବେଦନ ପତ୍ରନଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ ୱାର୍ଡ଼ ମଧ୍ୟରେ ଦେଉଳସାହିଠାରେ ଥିବା ଖାତା ନଂ-୩୫୪, ପ୍ଲଟ ନଂ-୪୮୮, ଥାନା-ବିଡ଼ାନାସୀ, ରକବା-ଏ.୦.୧୫୮ ଡ଼ି ଜମିର ସୁରକ୍ଷା ନିମନ୍ତେ ଭାଙ୍ଗିଯାଇଥିବା ପ୍ରାଚେରୀ ପୁର୍ନ ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ମନୋଜ କୁମାର ସେଠୀ ୱାର୍ଡ଼ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟ ଗୁଡ଼ିକ ଜରୁରୀ କାଳିନ ଭିତିରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

1. Bamboo mate fencing work infront of Sona Mian res at Gamhadia
2. Bamboo mate fencing work infront of Working Womens Hostel at Gamhadia

ସଦସ୍ୟା ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ ସତିଚୌରା ସ୍ଥିତ ଇମାମପଡାରେ  ଥିବା ବିଶ୍ୱନାଥ ପଣ୍ଡିତଜୀଙ୍କ ସମାଧିପୀଠରେ ବାଉଣ୍ଡରୀ ୱାଲ ନିର୍ମାଣ କରାଯାଇ ଏ ବୈଦ୍ୟୁତିକ ଆଲୋକ ସ୍ଥାପନ, ୱାର୍ଡ଼ର ଇମାମପଡା, କୃଷକ ବଜାର ଓ ମାର୍କେଟ କମ୍ପ୍ଲେକ୍ସ ନିକଟରେ ପବ୍ଲିକ ଟୟଲେଟ ନିର୍ମାଣ, ୱାର୍ଡ଼ର ବିଭିନ୍ନ ରାସ୍ତା କଡ଼ରେ ବାଲି ଓ ଗୋଡ଼ି, ଇଟା ଜମା କରୁଥିବା ଲୋକମାନଙ୍କୁ ତାଗିଦ କରାଯିବା ସହ ସତିଚୌରାଠାରୁ ଆଇ ହସ୍‌ପିଟାଲ ପର୍ଯ୍ୟନ୍ତ ସ୍ଥାପନ କରାଯାଇଥିବା ବେଆଇନ ହୋଡ଼ିଙ୍ଗସ ଗୁଡ଼ିକ ଉଚ୍ଛେଦ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ପ୍ରସ୍ତାବ ନଂ-୧.** ଗତ ତା. ୨୯-୦୪-୨୦୧୫ରିଖ ବୈଠକର ୧୦ମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୨୯-୦୪-୨୦୧୫ରିଖ ବୈଠକର ୧୦ମ ସାଧାରଣ  ଅଧିବେଶନର  ବିବରଣୀ ସର୍ବ ସମ୍ମ-ତି କ୍ରମେ  ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୨.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ  ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୨.୧** ଗତ ୧୧.୦୫.୨୦୧୫ରିଖ ଲାଇସେନ୍ସ ଆଣ୍ଡ୍ ଅପିଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା  ।

**ନିର୍ଦ୍ଧାରଣ ନଂ-୨.୨** ଗତ ୧୨.୦୫.୨୦୧୫ରିଖ ଗ୍ରୀଭାନ୍‌ସ ଆଣ୍ଡ ସୋସିଆଲ ଜଷ୍ଟିସ  ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା  ।

**ନିର୍ଦ୍ଧାରଣ ନଂ-୨.୩** ଗତ ୧୩.୦୫.୨୦୧୫ରିଖ ପବ୍ଲିକ୍ ହେଲଥ୍, ୱାଟର ସପ୍ଲାଏ, ଇଲେକ୍ଟ୍ରିକ୍ ସପ୍ଲାଏ, ଡ୍ରେନେଜ୍ ଆଣ୍ଡ୍ ଏନଭାଇରନମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୪** ଗତ ୧୬.୦୫.୨୦୧୫ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ୍ ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୫** ଗତ ୧୮.୦୫.୨୦୧୫ରିଖ ଏଜୁକେସନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୬** ଗତ ୧୯.୦୫.୨୦୧୫ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୭** ଗତ ୨୦.୦୫.୨୦୧୫ରିଖ ଟ୍ୟାକ୍ସେସନ ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୮** ଗତ ତା ୨୧.୦୫.୨୦୧୫ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୯** ଗତ ତା ୨୨.୦୫.୨୦୧୫ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୧୦** ଗତ ତା ୨୨.୦୫.୨୦୧୫ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୩. ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ ଏବଂ କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଅନୁଯାୟୀ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।

୧. ବିଭିନ୍ନ ୱାର୍ଡ଼ରେ ସ୍ଥାପନ କରାଯିବାକୁଥିବା ନଳକୂପ ଗୁଡ଼ିକର ଏକ ସଂଶୋଧିତ ତାଲିକା ମେୟରଙ୍କ ଅନୁମୋଦନ କ୍ରମେ ଜନସ୍ୱାସ୍ଥ୍ୟ ବିଭାଗକୁ ପଠାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୨. ୨୦୧୪-୧୫ ଏବଂ ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ଡ଼ଷ୍ଟବିନ ଗୁଡ଼ିକର ତାଲିକା ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଗଲା । Privatised & CMC Ward ମଧ୍ୟରେ ସମାନତା ରକ୍ଷା କରାଯାଇ ସଂଗ୍ରହଣ କରାଯାଇଥିବା ଡ଼ଷ୍ଟବିନ ଗୁଡ଼ିକ ଆବଣ୍ଟନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୩. ନିଗମ ଅଂଚଳରେ ରହିଥିବା ବସ୍ତି ଅଂଚଳ ଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ଭାବେ ଆବଶ୍ୟକ ସଂଖ୍ୟକ ଅତିରିକ୍ତ ଡ଼ଷ୍ଟବିନ ସଂଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୪. ରାମକୀ ସଂସ୍ଥାଙ୍କ ସହ ୱାର୍ଡ଼ର ସଫାଇ ଏବଂ ଆବର୍ଜନା ପରିବହନ କାର୍ଯ୍ୟ ନିମନ୍ତେ ସ୍ୱାକ୍ଷରିତ କରାଯାଇଥିବା ଚୁକ୍ତିନାମାର ଏକ ନକଲ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୫. ଆସନ୍ତା ବର୍ଷାଋତୁକୁ ଦୃଷ୍ଟିରେ ରଖାଯାଇ ଜୁନ ମାସ ଠାରୁ ୪ ମାସ ନିମନ୍ତେ ଆବଶ୍ୟକ ସଂଖ୍ୟକ ଅତିରିକ୍ତ ଟ୍ରାକ୍ଟର ନିୟୋଜନ କରାଯାଇ ବିଭିନ୍ନ ୱାର୍ଡ଼ର Solid Waste ଏବଂ Debries ଗୁଡ଼ିକ ଉଠାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୬. ନିଗମର ସମସ୍ତ ୱାର୍ଡ଼ ମାନଙ୍କରେ ଆସନ୍ତା ତା ୦୧.୦୬.୨୦୧୫ରିଖ ଠାରୁ ଦୁଇଓଳୀ ସଫାଇ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇ, ସମ୍ପୃକ୍ତ ୱାର୍ଡ଼ର ହାଜରା ପଏଣ୍ଟ ମାନଙ୍କରେ ନିୟୋଜିତ କର୍ମଚାରୀ ମାନଙ୍କର ଉପସ୍ଥାନ ଦୁଇଓଳୀ ରଖାଯିବା ନିମନ୍ତେ ସ୍ଥିର କରାଗଲା । ଆସନ୍ତା ଏକ ମାସ ମଧ୍ୟରେ Bio-Matric Attendance ର ବ୍ୟବସ୍ଥା କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୭. ୨୦୧୦ ମସିହା ଠାରୁ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟର ଡ଼ାଟା ବେସ ପ୍ରସ୍ତୁତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୮.	ଆସନ୍ତା ଏକ ମାସ ନିମନ୍ତେ ସର୍ଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ୱାର୍ଡ଼ ୱାରୀ ୫ ଜଣ ଲେଖାଏଁ ଅତିରିକ୍ତ କୁଲୀ ନିୟୋଜନ କରାଯିବାକୁ ସ୍ଥିର କରାଗଲା । ସମ୍ପୃକ୍ତ ସାନିଟେରୀ ଇନ୍ସପେକ୍ଟର ମାନଙ୍କ ଦ୍ୱାରା Day Wise Drain Cleaning Report ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୯.	ଚକ୍ରଧରପୁରର ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେ ରଖାଯାଇ ଆସନ୍ତା ତା ୦୧.୦୬.୨୦୧୫ରିଖ ଠାରୁ ସତୀଚୌରା ପଏଣ୍ଟରୁ ସମସ୍ତ Municipal Solid Waste ଗୁଡ଼ିକ ଭୁଆଷୁଣୀ ପଏଣ୍ଟକୁ ପଠାଯିବା ନିମନ୍ତେ ସ୍ଥିର କରାଗଲା ।

୧୦.	ନିଗମ ଅଂଚଳରେ ବର୍ତମାନ କରାଯାଉଥିବା ସମସ୍ତ ନାଳର ପଙ୍କ ଉଦ୍ଧାର କାର୍ଯ୍ୟକୁ ଆସନ୍ତା ତା ୧୫.୦୬.୨୦୧୫ରିଖ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧୧.	ଦାୟୀତ୍ୱରେ ରହିଥିବା ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ମାନଙ୍କ ଦ୍ୱାରା ସମ୍ପୃକ୍ତ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ସଠିକ ଭାବେ ସମ୍ପୂର୍ଣ୍ଣ କରାଯାଇଥିବା ସମ୍ପର୍କରେ ଏକ ପ୍ରମାଣ ପତ୍ର ପ୍ରଦାନ କରାଯିବାକୁ ସ୍ଥିର କରଗଲା ଏବଂ ପରବର୍ତି ସମୟରେ ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ପାପ୍ତ ହେଲେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କୁ ଦାୟୀ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧୨.	ନିଗମ ଅଂଚଳରେ ୧୫ ଗୋଟି (10 Seated) Toilet(Pay & Use) ନିର୍ମାଣ ତଥା ପରିଚାଳନା କାର୍ଯ୍ୟ ନିମନ୍ତେ Reputed Firms/ Agencies ମାନଙ୍କ ଠାରୁ Expression of Interest ଆହ୍ୱାନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧୩.	ନୂତନଭାବେ ସଂଗ୍ରହଣ ହେବାକୁ ଥିବା ଜେସିବି ଗୁଡ଼ିକ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ନିୟମିତ ସମୟ ବ୍ୟବଧାନରେ ନିଗମ ଅଂଚଳରେ ଥିବା MSWC ଏବଂ BSWC ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧୪.	ନିଗମ ଅଧିନରେ ରହିଥିବା ସମସ୍ତ ଭୂସମ୍ପତିର ଏକ ଡ଼ାଟା ବେସ ପ୍ରସ୍ତୁତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧୫.	ଅଫିସରୁ ଆଗତ କରାଯାଇଥିବା ପ୍ରସ୍ତାବ ଅନୁଧାନ କରାଯାଇ ଯୋବ୍ରା କେନାଲ ରୋଡ଼(ଗାଙ୍ଗୁଲି କଲୋନୀ)ର ନିମ୍ନ ତଫସିଲ ଖାତା ପ୍ଲଟ ଅନ୍ତର୍ଗତ ଜମି ମଧରେ ସର୍ବ ସାଧାରଣ ରାସ୍ତା ଓ ନାଳ ନିମନ୍ତେ କଟକ ମହାନଗର ନିଗମକୁ ଦାନସୂତ୍ରେ ହସ୍ତାନ୍ତର ନିମନ୍ତେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଗଲା । ନିୟମ ଅନୁଯାୟୀ ସମ୍ପୃକ୍ତ ଜମି ମାଲିକ ମାନଙ୍କ ଦ୍ୱାରା ଉକ୍ତ ଜମି ଗୁଡ଼ିକ ନିଗମ ଅଧିନକୁ ହସ୍ତାନ୍ତର କରାଯିବା ପରେ, ଏ ଦିଗରେ ପରବର୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

| Sl. | Name of the Land owner | Mouza | Khata No | Plot No | Area |
|---|---|---|---|---|---|
| 1. | Makhanlal Ganguli | Unit-25 Jobra | 713 | 1033 | Ac.0.013 dec |
| 2. | Mayakhalal Ganguli<br>Malaylal Ganguli<br>Mohit Lal Ganguli<br>Manjulal Ganguli | Unit-25 Jobra | 706 | 1036 | Ac.0.024 dec |
| 3 | Mayakhalal Ganguli | Unit-25 Jobra | 777/15 | 1036/1667 | Ac.0.006 dec |
| 4. | Manigopal Ganguli | Unit-25 Jobra | 777/14 | 1036/1616 | Ac.0.030 dec |

୧୬.	ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ OM No-13469/F, dt. 02.05.2015 ଅନୁଯାୟୀ ନିଗମର ସମସ୍ତ ଅବସରପ୍ରାପ୍ତ ସ୍ଥାୟୀ ଓ ୱାର୍କ ଚାର୍ଜଡ଼ କର୍ମଚାରୀ ମାନଙ୍କୁ ତା ୦୧.୦୧.୨୦୧୫ରିଖ ଠାରୁ ସେମାନଙ୍କୁ ପ୍ରଦାନ କରାଯାଉଥିବା ପେନସନ / ଫାମେଲୀ ପେନସନ ସହିତ Dearness Relief (TI) @ 6 % ବୃଦ୍ଧି କରାଯାଇ ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ବର୍ଦ୍ଧିତ Dearness Relief (TI) କୁ ମିଶାଇ ୧୧୩% T.I ନଗଦ ଆକାରରେ ତା ୦୧.୦୧.୨୦୧୫ରିଖ ଠାରୁ ପ୍ରଦାନ କରାଯିବା ନିମନ୍ତେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଗଲା ।

୧୭.	ନିଗମର ଅତିରିକ୍ତ କମିଶନରଙ୍କ ନେତୃତ୍ୱରେ ଏକ ସେଲ ଗଠନ କରାଯାଇ ବିଭିନ୍ନ ସରକାରୀ ଜମି ଗୁଡ଼ିକର Transfer / Allotement ନିମନ୍ତେ ପଠାଯାଇଥିବା ପ୍ରସ୍ତାବ ଗୁଡ଼ିକର ତ୍ୱରାନ୍ୱିତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧୮. ଚହଟା ନଗର ଠାରୁ ହରୀଣ ପାର୍କ ମଧ୍ୟରେ Free flow of drain water ନିମନ୍ତେ ବିଭିନ୍ନ ଗଡ଼ା ଗୁଡ଼ିକର Removal/ Redesign ପାଇଁ ସିଡ଼ିଏ କର୍ତୃପକ୍ଷ ଏବଂ ସ୍ଥାନୀୟ ରାଜସ୍ୱ ଅଧିକାରୀ ଙ୍କ ସହ ଆଲୋଚନା କରାଯାଇ ନଗର ଯନ୍ତ୍ରୀଙ୍କ ଦ୍ୱାରା ଏକ Detail Plan ପ୍ରସ୍ତୁତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୧୯. ମଧୁବାବୁ ପେନସନ ଯୋଜନା (MBPY) ରେ ନୂତନ ମଞ୍ଜୁର ନିମନ୍ତେ ସୃଷ୍ଟି ହୋଇଥିବା ୭୦୦ Vacancy କୁ ପୂରଣ କରାଯାଇ ସମ୍ପୃକ୍ତ ହିତାଧିକାରୀ ମାନଙ୍କ ପ୍ରଥମ ପେନସନକୁ ଆସନ୍ତା ଜୁନ ମାସରେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା । ୱାର୍ଡ଼ ୱାରୀ ମଞ୍ଜୁର ପ୍ରଦାନ କରାଯାଇଥିବା ହିତାଧିକାରୀଙ୍କ ନାମ ଏବଂ ବିଷଦ ବିବରଣୀ ଜୁନ ୭ ତାରିଖ ମଧ୍ୟରେ ନିଗମ ୱେବସାଇଟରେ ଛଡ଼ାଯିବା ସହିତ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଏହାର ଏକ ନକଲ ପ୍ରଦାନ କରାଯିବାକୁ ସ୍ଥିର କରାଗଲା । ପେନସନ ପ୍ରଦାନ କରାଯାଉଥିବା ସମସ୍ତ ହିତିଧିକାରୀ ମାନଙ୍କର Computer-ised Acquittance Roll ପ୍ରସ୍ତୁତ କରାଯାଇ, ଆସନ୍ତା ଜୁନ ମାସଠାରୁ ବ୍ୟବହାର କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୨୦. MBPY ଏବଂ IGNWP ଯୋଜନା ନିମନ୍ତେ ଯୋଗ୍ୟ ବିବେଚିତ ହେଉଥିବା ହିତାଧିକାରୀ ମାନଙ୍କୁ ଯଥାଶିଘ୍ର Transfer ପକ୍ରିୟା ଆରମ୍ଭ କରାଯିବା ନିମନ୍ତେ ନିଗମର ପ୍ରକଳ୍ପ ବିଭାଗ ଦ୍ୱାରା ଏକ Special Drive କରାଯିବାକୁ ସ୍ଥିର କରାଗଲା ।

୨୧. ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ଗୁଡ଼ିକର ଚଳିତ ଆର୍ଥିକ ବର୍ଷ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇ, ୩ ମାସର ଆବଶ୍ୟକତା ଅନୁଯାୟୀ ଉକ୍ତ ସାମଗ୍ରୀ ଗୁଡ଼ିକର ସଂଗ୍ରହଣ ନିମନ୍ତେ Supply order ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୨୨. ନିଗମର ବୈଦ୍ୟୁତିକ ବିଭାଗ ଦ୍ୱାରା ନିଗମ ଅଂଚଳରେ ରହିଥିବା ସମସ୍ତ ଅଂଚଳରେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ନିମନ୍ତେ ଏକ ପ୍ରସ୍ତାବ ଏବଂ Action Plan ପ୍ରସ୍ତୁତ କରାଯାଇ, ଗୋଟିଏ ଖୁଣ୍ଟରେ Multiple Lights ଗୁଡ଼ିକ ଉଠାଯିବା ନିମନ୍ତେ ସ୍ଥିର କରାଗଲା ।

୨୩. ନିଗମର ବିକାଶ ଭବନ ପରିସର ମଧ୍ୟରେ ଯଥାଶିଘ୍ର କଣ୍ଟ୍ରୋଲ ରୁମ ଏବଂ ପମ୍ପ ଗୋଦାମର ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୨୪. ନିଗମ ଅଂଚଳରେ ଆଗାମୀ ବର୍ଷାଋତୁରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ନିମନ୍ତେ ଯଥାଶିଘ୍ର DFO, City Forest Division ଙ୍କ ସହ ଏକ ବୈଠକ କରାଯିବାକୁ ସ୍ଥିର କରାଗଲା ।

୨୫. ଯଥାଶିଘ୍ର Unauthorised Possesionରେ ରହିଥିବା ମ୍ୟୁନିସିପାଲ କ୍ୱାଟର ଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇ, ମେୟରଙ୍କ ଅନୁମୋଦନରେ ଏହି ଆବଣ୍ଟନକୁ ନାକଚ କରାଯାଇ, ଯୋଗ୍ୟ ବିବେଚିତ ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ଆବଣ୍ଟନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୨୬. ନିଗମ ଅଂଚଳରେ ବିଭିନ୍ନ ସଂସ୍ଥା ମାନଙ୍କ ଦ୍ୱାରା ପଦର୍ଶିତ କରାଯାଉଥିବା ହୋଡ଼ିଙ୍ଗସ ଗୁଡ଼ିକର ଏକ ୱାର୍ଡ଼ ୱାରୀ ତାଲିକା ପ୍ରସ୍ତୁତ କରାଯାଇ, ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୨୭. ରାଜୀବ ଆୱାସ ଯୋଜନା କାର୍ଯ୍ୟକ୍ରମରେ ଅନୁମୋଦନ କରାଯାଇଥିବା ବସ୍ତି ଗୁଡ଼ିକର ବାସଗୃହ ନିର୍ମାଣର ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ ସପ୍ତାହରେ ସମୀକ୍ଷା ବୈଠକ କରାଯିବାକୁ ସ୍ଥିର କରାଗଲା ।

୨୮. ନିଗମର ଖାଲିଥିବା ଅଧିକାରୀ ସ୍ଥାରୀୟ ପଦବୀ ଗୁଡ଼ିକର ପୂରଣ ନିମନ୍ତେ ଯଥାଶିଘ୍ର ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଉପଯୁକ୍ତ ପ୍ରସ୍ତାବ ପଠାଯିବା ନିମନ୍ତେ ସ୍ଥିର କରାଗଲା । ନିଗମର ଜମିଜମା ସଂକ୍ରାନ୍ତିୟ ବ୍ୟାପାରରେ ସହାୟତା ପ୍ରଦାନ ନିମନ୍ତେ ଏକ କନସଲଟାଣ୍ଟ ନିୟୋଜନ କରାଯିବାକୁ ସ୍ଥିର କରାଗଲା ।

୨୯. ଗୃହ ଟିକସ ଆକଳନ ଏବଂ ଆଦାୟକୁ Digitisation କରାଯାଇ ୫୯ଟି ୱାର୍ଡ଼ ନିମନ୍ତେ ପୃଥକ ଭାବେ ଡାଟା ବେସ ପ୍ରସ୍ତୁତ କରାଯିବା ନିମନ୍ତେ ସ୍ଥିର କରାଗଲା ।

୩୦. ନିଗମ ଅଂଚଳରେ ପର୍ଯ୍ୟାୟକ୍ରମେ ଅନେକ ଗ୍ରାମାଂଚଳ ସାମିଲ କରାଯାଇଥିବା ଦୃଷ୍ଟିରୁ, ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସମ୍ପୃକ୍ତ ଗ୍ରାମ ପଂଚାୟତ ନାମରେ ରେକଡ଼ଭୂକ୍ତ ଥିବା ଜମି ଗୁଡ଼ିକ ନିଗମ ନାମରେ Transfer କରାଯିବାକୁ

ପଦକ୍ଷେପ ଗ୍ରହଣ ନିମନ୍ତେ ସ୍ଥିର କରାଯାଇ, ଯଥାଶିଘ୍ର ନିଗମର ସର୍ଭେ ବିଭାଗ ଦ୍ୱାରା ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଉକ୍ତ ପ୍ରସ୍ତାବ ଗୁଡ଼ିକର ତ୍ୱରାନ୍ୱିତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୩୧. ନିଗମ ଅଂଚଳରେ ରହିଥିବା ସମସ୍ତ କଲ୍ୟାଣ ମଣ୍ଡପ ଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇ, ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ OJC Case No-6721/1999 ର ନିର୍ଦ୍ଦେଶ ଅନୁଯାୟୀ ଯଥାଶିଘ୍ର ନିଗମର ଲାଇସେନ୍ସ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୩୨. ନିଗମ ଅଂଚଳରେ ପାନୀୟ ଜଳ ଯୋଗାଣ ଏବଂ ଟୟଲେଟ ନିର୍ମାଣ ପ୍ରସ୍ତାବ ଗୁଡ଼ିକ ନିଗମର ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଉପସ୍ଥାପନା କରାଯିବାକୁ ସ୍ଥିର କରାଗଲା ।

୩୩. ବିଭିନ୍ନ ସର୍ଭିସ ପ୍ରୋଭାଇଡ଼ର ମାନଙ୍କ ମାଧମରେ ନିୟୋଜିତ କୁଲୀ, ବିଭିନ୍ନ ସାନିଟେସନ କାର୍ଯ୍ୟ ନିମନ୍ତେ ନିୟୋଜିତ କର୍ମଚାରୀ, ବିଜୁ ଭବନ ଓ ସହିଦ ଭବନର House-keeping ନିମନ୍ତେ ନିୟୋଜିତ କର୍ମଚାରୀ ଏବଂ ଅନ୍ୟ ସମସ୍ତ ପ୍ରକାର କର୍ମଚାରୀ ମାନଙ୍କ ନିୟୋଜନ ନିମନ୍ତେ ସର୍ଭିସ ପ୍ରୋଭାଇଡ଼ର ମାନଙ୍କ Enpanelment ନିମନ୍ତେ ଯଥାଶିଘ୍ର Fresh Tender ଆହ୍ୱାନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୩୪. ବିଜୁ ଭବନ, ବିକାଶ ଭବନ ଏବଂ କଲ୍ୟାଣ ମଣ୍ଡପରେ ସ୍ଥାପନ କରାଯାଇଥିବା ସମସ୍ତ ଶୀତତାପ ନିୟନ୍ତ୍ରଣ ମେସିନ (ଏସି) ଏବଂ ଲିଫ୍ଟ ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ଯଥାଶିଘ୍ର AMC କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା

୩୫. ନିମ୍ନଲିଖିତ ରାସ୍ତା ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ R & B ବିଭାଗକୁ ହସ୍ତାନ୍ତର କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇ, ଏ ଦିଗରେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

1. Road from Ring Road near Dr. Bhaktilata Ray res to Mangalabag Via Talatelenga Bazar, Jhola Sahi, Nima Sahi & Thoria Sahi
2. CDA's SIM Gada
3. Road from Nari Seba Sadan Chhaka to Barabati Stadium via Directorate of Industries office at Killa Maidan

ସର୍ବଶେଷରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**ସ୍ୱା-ଅନିତା ବେହେରା**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ- **୧୧୩୧**, ତା **୧୮.୦୬.୨୦୧୫**

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୧୧୩୨, ତା ୧୮.୦୬.୨୦୧୫

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୧୧୩୩, ତା ୧୮.୦୬.୨୦୧୫

ଏହାର ଏକ କିତା ନକଲ କମିଶନର / ଅତିରିକ୍ତ କମିଶନର / ଡ଼େପୁଟି କମିଶନର / ଡ଼େପୁଟି କମିଶନର-୨ / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୧୧୩୪, ତା ୧୮.୦୬.୨୦୧୫

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ